## ସଂକ୍ଷେପରେ

### ବିଦ୍ୟୁତ ସଂସ୍ପର୍ଶରେ ମଇଁଷି ମୃତ

**ଧରାକୋଟ,୨୩।୧୦(ଡି.ଏନ୍.ଏ.):** ଧରାକୋଟ ବ୍ଲକ ବାହାରପୁର ପଞ୍ଚାୟତ ଡାକିବଜା ଗ୍ରାମ ତଳସାହି ଶେଷମୁଣ୍ଡରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟ ଷ୍ଟେରେ ଲାଗି ଏକ ମଇଁଷିର ମୃତ୍ୟୁ ଘଟିଛି। ରବିବାର ଅପରାହ୍ନରେ ଜରିଆ ନାହକଙ୍କ ମଇଁଷିପଲ ତଳସାହି ଶେଷ ମୁଣ୍ଡରେ ଚରୁଥିଲେ। ଗୋଟିଏ ମଇଁଷି ଖୁଣ୍ଟକୁ ଧରି ରଖିଥିବା ଷ୍ଟେରେ ଘସି ହୋଇ ଚାଲିଯିବାରୁ ଏହା ଜୋରରେ ହଲିଯାଇ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବା ଫଳରେ ମଇଁଷିର ମୃତ୍ୟୁ ହୋଇଥିଲା। ଖବରପାଇ ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ପହଞ୍ଚି ସଂଯୋଗ ବିଚ୍ଛିନ୍ନ କରିଥିଲେ। ଗ୍ରାମରେ ଅନ୍ୟ ଏକ ଖୁଣ୍ଟ ନଇଁ ରହିଥିବା ବେଳେ ନିକଟସ୍ଥ ଚାଷ ଜମି ଉପରେ ଏକ ତାର ଓହଳି ବିପଦ ଜନକ ସ୍ଥିତିରେ ରହିଛି। ବିଭାଗର ଏହି ଉଦାସୀନତା ଯୋଗୁ ତୀବ୍ର ଅସନ୍ତୋଷ ଦେଖାଦେଇଛି।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ଫୁଲବାଣୀ ଅଫିସ/ଟିକାବାଲି, ୨୩।୧୦:** ଟିକାବାଲି ଥାନା ଆରାବକା ପଞ୍ଚାୟତ ବାଡୁଗୁଡା ଗ୍ରାମର ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ମୃତ୍ୟୁଞ୍ଜୟ କହଁର (୨୫)। ଶନିବାର ରାତିରେ ମୃତ୍ୟୁଞ୍ଜୟ ହଠାତ ଅସୁସ୍ଥ ହୋଇ ପଡିଥିଲେ। ପରିବାର ଲୋକେ ତାଙ୍କୁ ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ଏ ନେଇ ଟିକାବାଲି ପୋଲିସକୁ ଖବର ଦିଆଯାଇଥିଲା । ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ଜବତ କରିବା ସହ ୧୪/୨୨ରେ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ଘଟଣାର ତଦନ୍ତ ଚାଲିଥିବା ଥାନାଧିକାରୀ କଲ୍ୟାଣମୟୀ ସେଣ୍ଠ ସୂଚନା ଦେଇଛନ୍ତି।

### ଧନ୍ୱନ୍ତରୀ ପୂଜା

**ଆସିକା,୨୩।୧୦(ଡି.ଏନ୍.ଏ.):** ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରର ପ୍ରଣେତା ଭଗବାନ ଧନ୍ୱନ୍ତରୀଙ୍କ ଜୟନ୍ତୀ ରବିବାର ବିଭିନ୍ନ ଆୟୁର୍ବେଦିକ ଔଷଧ ପ୍ରସ୍ତୁତି କାରଖାନା ଓ ବିକ୍ରୟ କେନ୍ଦ୍ରରେ ପାଳିତ ହୋଇଥିଲା । ଭଗବାନ ଧନ୍ୱନ୍ତରୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ, ପୂଜା, ହୋମ ଆଦି କରାଯାଇଥିଲା । ଆସିକାସ୍ଥିତ ରାଜ୍ୟର ସର୍ବପୁରାତନ ଆୟୁର୍ବେଦିକ ଔଷଧ ପ୍ରସ୍ତୁତି କେନ୍ଦ୍ର ଉତ୍କଳ ଆୟୁର୍ବେଦିକ ଫାର୍ମାସୀ ଲିଃ. ଓ ଉତ୍କଳ ଆୟୁର୍ବେଦ ଭବନରେ ଫାର୍ମାସୀର ସଭାପତି କବିରାଜ ପ୍ରମୋଦ କୁମାର ପଣ୍ଡା, ଲାଲାଶାସନସ୍ଥିତ ସୁବାସିନୀ ଆୟୁର୍ବେଦ ଭବନରେ କବିରାଜ ଉପେନ୍ଦ୍ରନାଥ ଶତପଥୀ, ଚରକ ଆୟୁର୍ବେଦ ଭବନରେ କବିରାଜ ଶିଶିର ପଣ୍ଡା ଓ କବିରାଜ ରଞ୍ଜିତ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ପୂଜା ହୋଇଥିଲା ।

### ସଂକ୍ରମଣ ଦ୍ୱାରା ବହୁ ଗୋରୁ ଅସୁସ୍ଥ

**ଖଲ୍ଲିକୋଟ,୨୩।୧୦(ଡି.ଏନ.ଏ.):** ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଶ୍ରୀକୃଷ୍ଣଶରଣପୁର ଗ୍ରାମରେ ବହୁ ଗୋରୁଙ୍କ ଶରୀରର ବିଭିନ୍ନ ସ୍ଥାନରେ ଫୁଲିଯିବା ସହ ଜ୍ୱର ରହୁଛି। ଫଳରେ ଗୋ ପାଳନ କରୁଥିବା ଚାଷୀ ଭୟଭୀତ ହେଉଛନ୍ତି। ଏହି ଗ୍ରାମର ରମେଶ ତରେଇ, ଦେବରାଜ ପାହାନ, ଭାସ୍କର ନାହାକ ଓ ସୌରା ଗୌଡ ପ୍ରମୁଖ ଚାଷୀଙ୍କ ଗୋରୁ ଏଥିରେ ଆକ୍ରାନ୍ତ ହୋଇଛନ୍ତି। ଚିକିତ୍ସା କଲେ ମଧ କୌଣସି ସୁଫଳ ମିଳୁନି ଏବଂ ଦିନକୁ ଦିନ ଅନ୍ୟ ଗୋରୁ ଆକ୍ରାନ୍ତ ହେଉଛନ୍ତି। ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ଗୋରୁ, ଷଣ୍ଢଙ୍କ ଦେହରେ ଏହି ରୋଗ ବ୍ୟାପିଥିବା ଜଣାପଡ଼ିଛି। ଏହା ଲମ୍ପିସ୍କିନ୍ ଡିଜିଜ୍ ବୋଲି ପ୍ରାଣୀ ଚିକିତ୍ସକ ପ୍ରକାଶ କରିଥିଲେ।

# ବିପଦସଂକୁଳ ଘରେ ରହୁଛନ୍ତି ରେମ୍ଭୀ ଗ୍ରାମବାସୀ

**ରାୟଗଡ଼(ଗଜପତି),୨୩।୧୦**


ରେମ୍ଭୀ ଗ୍ରାମବାସୀ ।

ଗଜପତି ଜିଲା ରାୟଗଡ଼ ବ୍ଲକ ସାନଦୁର୍ଣ୍ଣି ପଞ୍ଚାୟତର ରେମ୍ଭୀ ଗ୍ରାମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରାମ ବିକାଶ ପକ୍ଷରୁ ୧୯୯୮ରେ ଗ୍ରାମବାସୀଙ୍କ ଶ୍ରମଦାନରେ ପ୍ରାୟ ୩୦ଟି ପକ୍କାଘର ତିଆରି ହୋଇଥିଲା। ଉକ୍ତ ଗ୍ରାମରେ ୩୦ ପରିବାରର ପ୍ରାୟ ୨୦୮ ଜନସଂଖ୍ୟା ଥିବାବେଳେ ରହିବା ପାଇଁ ଭଲ ଘର ଖଣ୍ଡିଏ ନ ଥିବା ବେଳେ ଗ୍ରାମ ବିକାଶ ପକ୍ଷରୁ ଘର ତିଆରି ପାଇଁ ଉପକରଣ ଓ ସାମଗ୍ରୀ ମିଳିଥିବାରୁ ଲୋକଙ୍କ ଶ୍ରମଦାନରେ ଘରସବୁ ତିଆରି ହୋଇଥିଲା। ଗୃହ ନିର୍ମାଣ ସମୟରେ ଭାଗମାପରେ ଅନିୟମିତତା ଯୋଗୁ ତାହା ନିମ୍ନମାନର ହୋଇଥିଲା। ହିତାଧିକାରୀମାନେ ନିର୍ମିତ ଘରେ ପ୍ରାୟ ୧୦ ବର୍ଷ ରହିବା ପରେ ଦିନକୁ ଦିନ ଅବସ୍ଥା ଶୋଚନୀୟ ହୋଇପଡିଛି। କାମ ଭଲ ହୋଇ ନ ଥିବାରୁ ଛାତଗୁଡିକ ବଙ୍କା ହୋଇ ଦବିଯାଇ ଫାଟିବା ସହିତ ଛାତ ଭିତରପଟୁ ପରସ୍ତ ପରସ୍ତ ବାହାରି ଲୁହାଛଡ଼ ଦେଖାଯାଉଛି। ବର୍ଷା ହେଲେ ଛାତରୁ ପାଣି ଗଳିବା ସହିତ ଘରଦ୍ୱାର ପାଣି ହୋଇଯାଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଅଧିକ ବର୍ଷା କିମ୍ବା ବନ୍ୟା ବାତ୍ୟା ହେଲେ ଘର ଛାଡ଼ି ନିକଟସ୍ଥ ସ୍କୁଲ କିମ୍ବା ଅଙ୍ଗନୱାଡ଼ି କେନ୍ଦ୍ରରେ ଯାଇ ରହିବାକୁ ପଡୁଛି। ଏନେଇ ବାରମ୍ବାର ଜିଲା ପ୍ରଶାସନଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ, ରାଜନେତାଙ୍କୁ ଗୁହାରି କରିବା ସତ୍ତ୍ୱେ କେହି ତାଙ୍କ କଥା ଶୁଣୁ ନ ଥିବା ଗ୍ରାମର ୱାର୍ଡ଼ସଭ୍ୟା ନୀଳା କୁମ୍ଭ, ପଦ୍ମା ଭୂୟାଁ, ବିନୋଦ ଚନ୍ଦ୍ର ଗୌର, କମଳ ବସୁପତି, ନରସିଂହ ଶବର, ମୋହନ ବସୁପତି, ଦିଲେଶ୍ୱର କୁମ୍ଭଙ୍କ ସମେତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗୃହଗୁଡିକ ବିପଦସଂକୁଳ ହୋଇଥିଲେ ବି ଆବାସ ଯୋଜନା ତଦନ୍ତ ନେଇ ଆସିଥିବା ଅଧିକାରୀମାନେ ଠିକ୍ ଭାବେ ନ ଦେଖି ହିତାଧିକାରୀ ତାଲିକାରୁ ବାଦ୍ ଦେଉଥିବା ସେମାନେ ପ୍ରକାଶ କରିଛନ୍ତି। ଏଥିସହ ରାଜନୈତିକ ପାତରଅନ୍ତର ମନୋଭାବର ଶିକାର ହେଉଥିବା ମଧ ସେମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ବିଡିଓ ରାଜା ରଞ୍ଜିତ ପ୍ରତାପ ବଳଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି, ଏ ବିଷୟରେ ମୁଁ ବୁଝିବା ପରେ କହିବି।

# ଛତ୍ରପୁର ହସ୍ପିଟାଲରେ ପ୍ରଶାସନର ଚଢ଼ାଉ


ଯାଞ୍ଚ ଚାଲିଛି।

**ଛତ୍ରପୁର,୨୩।୧୦(ଡି.ଏନ୍.ଏ.)**

ସରକାରଙ୍କ ପକ୍ଷରୁ ଡାକ୍ତରଖାନାରେ ରୋଗୀଙ୍କୁ ମାଗଣାରେ ସମସ୍ତ ସୁବିଧା ଯୋଗାଇ ଦିଆଯାଉଛି। ତେବେ କେତେକ ଡାକ୍ତରଖାନାରେ ଅସହାୟ ଓ ଗରିବ ଶ୍ରେଣୀର ରୋଗୀଙ୍କୁ ଦଲାଲ ତଥା ହସ୍ପିଟାଲର କିଛି କର୍ମଚାରୀ ଉତ୍ତମ ଚିକିତ୍ସାର ପ୍ରଲୋଭନ ଦେଖାଇ ଘରୋଇ ନର୍ସିଂହୋମ, ରୋଗ ନିଦାନ ପାଇଁ ଘରୋଇ ପାଥୋଲୋଜିକୁ ନେଉଥିବା ଅଭିଯୋଗ ଆସୁଥିଲା । ଏହି ଅଭିଯୋଗକୁ ଗୁରୁତ୍ୱ ଦେଇ ଗଞ୍ଜାମ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆରମ୍ଭ ହୋଇଛି ମେଡିକାଲରେ ଦଲାଲ ମୁକ୍ତ ଅଭିଯାନ। ରବିବାର ଜିଲାପାଳ ଓ ଗଞ୍ଜାମ ଏସପିଙ୍କ ନିର୍ଦ୍ଦେଶ କ୍ରମେ ଜିଲାର ସଦର ମହକୁମା ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ପୋଲିସ ଓ ଜିଲା ପ୍ରଶାସନର ଅଧିକାରୀମାନେ ଅଚାନକ ଚଢ଼ାଉ କରି ଯାଞ୍ଚ କରିଛନ୍ତି। ଅନ୍ତଃଚିକିତ୍ସା ଓ ବହିଃ ଚିକିତ୍ସା ପ୍ରକୋଷ୍ଠ ପରିଦର୍ଶନ କରି ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କଠାରୁ ବିଭିନ୍ନ ତଥ୍ୟ ସଂଗ୍ରହ କରିଛନ୍ତି। ପରେ ଏହି ପ୍ରତିନିଧି ଦଳ ସିକ୍ୟୁରିଟି ଗାର୍ଡ, ହେଲ୍ଥ ଡ଼େକ୍ସର କର୍ମଚାରୀ, ନର୍ସ ଓ ମେଡିକାଲ ଅଧୀକ୍ଷକ ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ଗୌଡ଼ ଏବଂ ଡାକ୍ତରଙ୍କ ସହ ଏ ସମ୍ପର୍କରେ ଆଲୋଚନା କରି ଫେରିଛନ୍ତି। ଚଢ଼ାଉ ବେଳେ ଛତ୍ରପୁର ଏସଡିପିଓ ଗୌତମ କିଷାନ,ଛତ୍ରପୁର ତହସିଲଦାର ପ୍ରକାଶ ମିଶ୍ର ,ଛତ୍ରପୁର ଥାନାଧିକାରୀ ସତ୍ୟରଞ୍ଜନ ପ୍ରଧାନ ଓ ଛତ୍ରପୁର ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଉମାକାନ୍ତ ନାୟକ ପ୍ରମୁଖ ସାମିଲ ଥିଲେ। ଯାଞ୍ଚ ବେଳେ କୌଣସି ଦଲାଲଙ୍କୁ ଧରି ପାରି ନଥିଲେ। ରୋଗୀଙ୍କୁ ଠିକ ଭାବେ ସେବା ପ୍ରଦାନ କରିବା ସହ ଦଲାଲ ମୁକ୍ତ ଉଦେଶ୍ୟ ନେଇ ଏପରି ଚଢ଼ାଉ ଜାରି ରହିବ ବୋଲି ପ୍ରତିନିଧି ଦଳ କହିଛନ୍ତି । ସେପଟେ ଅଚାନକ ଚଢ଼ାଉ କରାଯାଇଥିବାରୁ ହସ୍ପିଟାଲର କିଛି କର୍ମଚାରୀ ଓ ଦଲାଲମାନଙ୍କ ମଧରେ କୋକୁଆ ଭୟ ସୃଷ୍ଟି ହୋଇଛି।

# ସମସ୍ତ ଅଧିକୃତ ଜମି ଫେରାଇବାକୁ ଭାଜପାର ଦାବି


ଖବରଦାତା ସମ୍ମିଳନୀରେ ଭାଜପା ନେତା।

**ଛତ୍ରପୁର,୨୩।୧୦(ଡି.ଏନ୍.ଏ.)**

ଛତ୍ରପୁର ତହସିଲ ଅଧୀନ କାଳିପଲ୍ଲୀ ମୌଜାରେ ଟାଟାର ବୃହତ ଇସ୍ପାତ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ହୋଇଥିଲା। ସେଥିମଧ୍ୟରୁ କାଳିପଲ୍ଲୀ ମୌଜାର ୨୦୬.୬୮୫ ଏକର ଜମି ବ୍ୟବହୃତ ନ ହୋଇ ଗତ ୨୫ ବର୍ଷ ହେଳା ପଡି ରହିଥିଲା । ଏବେ ତାହାକୁ ମୂଳଖାତା ରୟତ କିମ୍ବା ସେମାନଙ୍କ ଉତ୍ତରାଧିକାରୀମାନଙ୍କୁ ଫେରସ୍ତ କରିବା ପାଇଁ ରାଜ୍ୟ କ୍ୟାବିନେଟ୍‌ରେ ମଞ୍ଜୁରୀ ମିଳିଛି । ଏଥିସହ ଉକ୍ତ ଜମି ଅଧିଗ୍ରହଣ ବାବଦରେ ଜମିଗ୍ରହୀତାମାନଙ୍କୁ ପ୍ରଦାନ କରାଯାଇଥିବା କ୍ଷତିପୂରଣ ରାଶି ସେମାନେ ଫେରସ୍ତ କରିବେ ନାହିଁ ବୋଲି ମଧ କୁହାଯାଇଛି । ତେବେ ଭାଜପା ଏଥିରେ ପ୍ରଶ୍ନ ଉଠାଇଛି। ରବିବାର ସନ୍ଧ୍ୟାରେ ଦଳ ପକ୍ଷରୁ ହୋଇଥିବା ଖବରଦାତା ସମ୍ମିଳନୀରେ କୁହାଯାଇଛି ଯେ, ବିଜେଡି ଓ ରାଜ୍ୟ ସରକାର ଲୋକଙ୍କୁ ଭୂଆଁ ବୁଲାଉଛନ୍ତି । ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ କୁମାର କର କହିଛନ୍ତି, ବୃହତ ଇସ୍ପାତ ପ୍ରକଳ୍ପ ପାଇଁ ଅଧିକୃତ ଜମି ମଧ୍ୟରୁ ଅବ୍ୟବହୃତ ୭୭୧ ଏକର ଜମି ଲୋକଙ୍କୁ ଫେରାଯିବ ବୋଲି ପୂର୍ବରୁ ମନ୍ତ୍ରୀ କହିଥିଲେ । ମାତ୍ର ଫର୍ଟିଲାଇଜର କମ୍ପାନୀ ବିରୋଧରେ ହୋଇଥିବା ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ରାଜ୍ୟ ସରକାରଙ୍କର ଏହା ଏକ ଚାଲ କହି ସେ ସରକାରଙ୍କୁ ଘେରିଛନ୍ତି। ସ୍ଥାନୀୟ ପୂର୍ବତନ ସରପଞ୍ଚ ତଥା କଣମଣା ମଣ୍ଡଳ ଭାଜପା ସଭାପତି ପଦ୍ମ ଚରଣ ସାହୁ କହିଥିଲେ, କାଳିପଲ୍ଲୀ, ପାଇପକଡା, ଚମାଖଣ୍ଡି ଓ ବାସନାପୁଟି ଗାଁର ବହୁ ଜମି ଅଧିଗ୍ରହଣ ହୋଇଥିଲା। ମାତ୍ର ଏଥିରୁ ବହୁ ଲୋକ କ୍ଷତିପୂରଣ ନେଇ ନ ଥିବାବେଳେ ଜୋରଜବରଦସ୍ତ ଜମି ଅଧିଗ୍ରହଣ ହୋଇଛି । ଏନେଇ ହାଇକୋର୍ଟରେ ମାମଲା ରହିଛି । ଫର୍ଟିଲାଇଜର କମ୍ପାନୀ ପାଇଁ ମିଥ୍ୟା ତଥ୍ୟ ଦେଇ ପରିବେଶ ମଞ୍ଜୁରୀ ହୋଇଛି। ୧୦ କି.ମି. ଦର୍ଶାଯାଇଥିବାବେଳ ଗାଁର ୨୦୦ ମିଟର ଦୂରରେ ଏହି ପ୍ଲାଣ୍ଟ ପ୍ରତିଷ୍ଠା କରାଯାଉଛି । ଏହାକୁ ବିରୋଧ କରି ସ୍ଥାନୀୟ ଲୋକେ ଆନ୍ଦୋଳନ ଜାରି ରଖିଛନ୍ତି। ବୃହତ ଇସ୍ପାତ ପ୍ରକଳ୍ପ ହୋଇନି। ଏଥିପାଇଁ ସମସ୍ତ ଜମି ଲୋକଙ୍କୁ ଫେରାଇବାକୁ ଭାଜପା ଲିଗାଲ ସେଲ୍‌ର ଆବାହକ ପ୍ରଦୀପ କୁମାର ପାଢୀ ଦାବି କରଛନ୍ତି। ଖବରଦାତା ସମ୍ମିଳନୀରେ କଣମଣା ମଣ୍ଡଳ ଉପସଭାପତି ପି.ଲମ୍ବୋଦର, ସମ୍ପାଦକ ଜି.ସୁରେଶ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରତାରଣା ଅଭିଯୋଗ, ଯବାନ ଗିରଫ

**ଫୁଲବାଣୀ ଅଫିସ, ୨୩।୧୦**

ଜଣେ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଇ ଶାରୀରିକ ସମ୍ପର୍କ ରଖିବା ଏବଂ ପରେ ପ୍ରତାରଣା ଅଭିଯୋଗରେ ସଦର ଥାନା ପୋଲିସ ଜଣେ ଆଇଆର୍‌ବି ଯବାନଙ୍କୁ ଗିରଫ କରିଛି । ସେ ହେଲେ ଢେଙ୍କାନାଳ ସଦର ଥାନା ଅଞ୍ଚଳର ନିରଞ୍ଜନ ସେଠୀ। ନିରଞ୍ଜନ ଫୁଲବାଣୀଠାରେ ଆଇଆରବି ବାଟାଲିଅନରେ ଚାକିରି କରୁଥିଲେ। ସେ ସମୟରେ ସେ ଜଣେ ଯୁବତୀଙ୍କୁ ବିବାହ କରିବେ କହି ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ତାଙ୍କୁ ଆଉ ଧରାଛୁଆଁ ଦେଇ ନ ଥିଲେ। ଯୁବତୀ ଜଣକ ଏ ନେଇ ୨୦୧୯ରେ ସଦର ଥାନାରେ ଏତଲା ଦେବା ପରେ ନଂ.୬୧/୧୯ରେ ମାମଲା ରୁଜୁ ହୋଇଥିଲା । ସେବେଠାରୁ ପୋଲିସ ତାଙ୍କୁ ଗିରଫ କରିବାରେ ସକ୍ଷମ ହୋଇ ନ ଥିଲା । ରବିବାର ଗିରଫ ପରେ ନିରଞ୍ଜନ କୋର୍ଟ ଚାଲାଣ କରାଯାଇଥିବା ସଦର ଥାନାଧିକାରୀ ସମୀର କୁମାର ରାଉତ ସୂଚନା ଦେଇଛନ୍ତି।

## ଆଉଟସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ ଚେତାବନୀ

**ଫୁଲବାଣୀ ଅଫିସ, ୨୩।୧୦**

ରାଜ୍ୟ ସରକାର ଗତ କିଛି ଦିନ ତଳେ ଚୁକ୍ତିଭିତ୍ତିକ ନିଯୁକ୍ତିକୁ ଉଠାଇ ଦେଇଛନ୍ତି। ସେମାନଙ୍କୁ ସ୍ଥାୟୀ କରାଯାଇଛି । ହେଲେ ଆଉଟସୋର୍ସିଂ ପ୍ରଥା ଉପରେ କିଛି ଗୁରୁତ୍ୱ ଦେଇ ନାହାନ୍ତି। ଏହାକୁ ନେଇ ଆଉଟ ସୋର୍ସିଂ କର୍ମଚାରୀ ରଣ ହୁଙ୍କାର ଦେଇଛନ୍ତି। ରାଜ୍ୟ ସରକାର ଆଉଟସୋର୍ସିଂ କର୍ମଚାରୀମାନଙ୍କ କ୍ଷେତ୍ରରେ ଏ ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନେଇ ନାହାନ୍ତି । ଏହାକୁ ନେଇ ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ ବୋଲି କନ୍ଧମାଳ ଜିଲାର ଫୁଲବାଣୀ ସଦର ମହକୁମା ଠାରେ ଅନୁଷ୍ଠିତ ଜିଲାସ୍ତରୀୟ ବୈଠକରେ ଆଉଟସୋର୍ସିଂ କର୍ମଚାରୀ ନେତାମାନେ ମତ ପ୍ରକାଶ କରିଛନ୍ତି। ଜିଲା ସଭାପତି ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଆବାହକ ପ୍ରଭାତ ମହାନ୍ତି, ରାଜ୍ୟ ସଭାପତି ସଞ୍ଜୟ ପଟ୍ଟନାୟକ, ରାଜ୍ୟ ସାଧାରଣ ସମ୍ପାଦକ ତାପସ ମିଶ୍ର, ଠିକା କର୍ମଚାରୀ ସଂଘ ସଭାପତି ବିଜୟ ମଲ୍ଲ, ଜିଲା କର୍ମଚାରୀ ସଂଗ୍ରାମ ସମିତି ସଭାପତି ବ୍ରଜ ପଟ୍ଟନାୟକ, ସମ୍ପାଦକ ପଦ୍ମଲୋଚନ ମହାନ୍ତି ପ୍ରମୁଖ ଯୋଗଦେଇ ସରକାର ତୁରନ୍ତ ଆଉଟ ସୋର୍ସିଂ ପ୍ରଥାକୁ ପ୍ରତ୍ୟାହାର କରି ସ୍ଥାୟୀ ନିଯୁକ୍ତି ଦେବାକୁ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନ ହେବ ବୋଲି ସଂଘ କର୍ମକର୍ତ୍ତାମାନେ କହିଛନ୍ତି।

# କ୍ଷତିପୂରଣ ଦାବିରେ ମୃତଦେହ ରଖି ଆନ୍ଦୋଳନ

## ଦୁର୍ଘଟଣାରେ ଠିକା ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ମୃତ୍ୟୁ

**ପାରଳାଖେମୁଣ୍ଡି,୨୩।୧୦(ଡି.ଏନ୍.ଏ.)**

ମୁଖ୍ୟମନ୍ତ୍ରୀ ଠିକା ନିଯୁକ୍ତି ହଟାଇବା ପରେ ଅନିଶ୍ଚିତତା ମଧରେ ରହିଥିବା ଠିକା ସ୍ୱାସ୍ଥ୍ୟ କର୍ମଚାରୀମାନେ ଗତ ଶନିବାର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହ ଆଲୋଚନା କରିବା ପାଇଁ ପାରଳାଖେମୁଣ୍ଡି ଆସିଥିଲେ। ଆଲୋଚନା ସରିବା ପରେ ବିରିକୋଟ ଡାକ୍ତରଖାନାର ଷ୍ଟାଫନର୍ସ ପ୍ରେମାଦିନୀ ନାୟକ ତାଙ୍କ ସମ୍ପର୍କୀୟଙ୍କ ସହ ଅଟୋରେ ଫେରୁଥିଲେ। ଆର.ଉଦୟଗିରି ଥାନାର ଛେଲିଗଡ ପାଟପାଣି ଗାଁ ନିକଟରେ ଅଟୋ ସହ ଏକ ବାଇକ ମୁହାମୁହିଁ ଧକ୍କା ହେବାରୁ ଷ୍ଟାଫ ନର୍ସ ପ୍ରେମାଦିନୀଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ପରିବାରକୁ କ୍ଷତିପୂରଣ ସହ ସ୍ଥାୟୀ ନିଯୁକ୍ତି ଦାବିରେ ସ୍ୱାସ୍ଥ୍ୟ କର୍ମଚାରୀମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ରଖି ଆନ୍ଦୋଳନ କରିଥିଲେ। ସ୍ଥାୟୀ ନିଯୁକ୍ତିର ଆଶା ନେଇ କାମ କରୁଥିବା ଠିକା ସ୍ୱାସ୍ଥ୍ୟ କର୍ମଚାରୀଙ୍କ କର୍ତ୍ତବ୍ୟରତ ଅବସ୍ଥାରେ ମୃତ୍ୟୁ ଘଟିଥିବାରୁ ତାଙ୍କୁ କ୍ଷତିପୂରଣ ଦିଆଯାଉ ବୋଲି ଜିଦ୍ ଧରିଥିଲେ। ସ୍ଥାୟୀ ନିଯୁକ୍ତି ଆଶା ପୂରଣ ନେଇ ଜିଲାର ଅନ୍ୟାନ୍ୟ ଠିକା ସ୍ୱାସ୍ଥ୍ୟ କର୍ମଚାରୀ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଆନ୍ଦୋଳନ ଜାରି ରଖିଥିଲେ। ସରକାରଙ୍କ ଗେଜେଟ ନୋଟିଫିକେସନ ପରେ ଯେଉଁ ଠିକା କର୍ମଚାରୀମାନେ ଯୋଗ୍ୟ ବିବେଚିତ ହେବେ, ସେମାନେ ସ୍ଥାୟୀ ନିଯୁକ୍ତି ହୋଇପାରିବେ। ଯାହାକି କିଛି ଦିନ ପରେ ସ୍ପଷ୍ଟ ହେବ। ମୃତକଙ୍କ ପରିବାରକୁ ରୋଗୀ କଲ୍ୟାଣ ସମିତି ପାଣ୍ଠିରୁ କୋଡିଏ ହଜାର ଟଙ୍କା ପ୍ରଦାନ କରାଯାଇଛି ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପି.କେ ପାତ୍ର କହିଛନ୍ତି।

# ଚିନିଶିଳ୍ପ, ଏମ୍‌ପିସିଏସ୍‌ର ନିର୍ବାଚନ ସରିଲା

**ଆସିକା,୨୩।୧୦(ଡି.ଏନ୍.ଏ.)**

ଆସିକା ସମବାୟ ଚିନିଶିଳ୍ପ ଓ ଆସିକା କେନ୍ଦ୍ର ବହୁମୁଖୀ ସମବାୟ ସମିତି (ଏମପିସିଏସ)ର ପରିଚାଳନା ପରିଷଦର ନିର୍ଦ୍ଦେଶକ ପଦବୀ ଲାଗି ରବିବାର ନିର୍ବାଚନ ହୋଇଥିଲା । ଚିନିଶିଳ୍ପର ମୋଟ ୧୫ଟି ଜୋନରୁ ୧୦ଟିରେ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ରହିଥିଲା ବେଳେ ୫ଟି ଜୋନ ପାଇଁ ଏବଂ ଏମପିସିଏସର ୧୫ଟି ଜୋନରୁ ୧୧ଟିରେ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱି ରହିଥିଲା ବେଳେ ୪ଟି ଜୋନରେ ନିର୍ବାଚନ ହୋଇଥିଲା । ଚିନିଶିଳ୍ପ ନିର୍ବାଚନ ହୋଇଥିବା ୫ଟି ଜୋନରୁ ଗଞ୍ଜାମ ଜିଲା ଆଖୁଚାଷୀ ସଂଘର ସାଧାରଣ ସଂପାଦକ ପୂର୍ଣ୍ଣଚନ୍ଦ୍ର ବରାଡ, ସରୋଜିନୀ ଲେଙ୍କା, ଉଦୟନାଥ ପ୍ରଧାନ, ସନ୍ତୋଷ କୁମାର ପ୍ରଧାନ ଓ ଏସ. ଅରାଲୁ ରେଡି ନିର୍ବାଚିତ ହୋଇଛନ୍ତି। ପୂର୍ବରୁ ଗୀତା ପାତ୍ର, ଶତ୍ରୁଘ୍ନ ଭୂୟାଁ, ବସନ୍ତ କୁମାର ଦଳାଇ, ସ୍ନେହଲତା ଚାନ୍ଦ, ରବିନ୍ଦ୍ର ପଣ୍ଡା, ରତ୍ନାକର ସାହୁ, ଧର୍ମୁ ପ୍ରଧାନ, ସରିତ କୁମାର ପ୍ରଧାନ, ନିରଞ୍ଜନ ପ୍ରଧାନ ଓ ସୁଦର୍ଶନ ଗୌଡ ବିଭିନ୍ନ ଜୋନରୁ ଅପ୍ରତିଦ୍ୱନ୍ଦ୍ୱୀ ରହିଥିଲେ । ସେହିଭଳି ଏମପିସିଏସର ୪ଟି ଜୋନରୁ ସୂର୍ଯ୍ୟନାରାୟଣ ପ୍ରଧାନ, ମନୋଜ କୁମାର ପ୍ରଧାନ, ସୁଜାତା ଉପାଧ୍ୟାୟ ଓ ନାର୍ଶୁ ନାୟକ ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହୋଇଛନ୍ତି । ପୂର୍ବରୁ ଅପ୍ରତିଦ୍ୱନ୍ଦ୍ୱୀ ବିଜୟୀଙ୍କ ମଧରେ ରବୀନ୍ଦ୍ର କୁମାର ସାମଲ, ଭଗବାନ ବେହେରା, କେ. ସନ୍ତୋଷ କୁମାର ପାତ୍ର, ଅଶ୍ୱିନୀ କୁମାର ବିଷୋୟୀ, ତାରିଣୀ ଚରଣ ଦାସ, ନିରୁପମା ନାୟକ, ସଚ୍ଚିଦାନନ୍ଦ ରାଉତ, କାର୍ତ୍ତିକ କୁମାର ପରିଡା, କେ. ଚିତ୍ରସେନ ରେଡି, ରିଙ୍କି ପୋଲାଇ ଏବଂ ମାମି ପଣ୍ଡା ରହିଛନ୍ତି । ଚିନିଶିଳ୍ପର ନିର୍ବାଚନ କାରଖାନା ସଂଲଗ୍ନ ଚିନିଶିଳ୍ପ ହାଇସ୍କୁଲ ଠାରେ ଅନୁଷ୍ଠିତ ହୋଇଥିଲା ବେଳେ ଏମପିସିଏସର ନିର୍ବାଚନ ମୁଖ୍ୟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା। ନିର୍ବାଚନକୁ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା ଲାଗି ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଉଭୟ ମତଦାନ କେନ୍ଦ୍ରରେ ବ୍ୟାପକ ପୋଲିସ ପହରା କରାଯାଇଥିଲା ।

# ଏନସିସି କ୍ୟାଡେଟଙ୍କ ସଚେତନତା ରାଲି



**ଆସିକା,୨୩।୧୦(ଡି.ଏନ୍.ଏ.)**

ଆସିକା ବ୍ଲକ ଦେବଭୂମିସ୍ଥିତ ପଞ୍ଚାୟତ ହାଇସ୍କୁଲ ଏନସିସି କେଡେଟଙ୍କ ପକ୍ଷରୁ ରବିବାର ଏକ ସଚେତନତା ରାଲି ହୋଇଥିଲା । କ୍ୟାଡେଟମାନେ ଆସିକା ଏନଏସି କର୍ପୂର ନୂଆଗାଁ, କେ.ନୂଆଁପଲ୍ଲୀ ଓ ଦେବଭୂମି ଗ୍ରାମ ପରିକ୍ରମା କରି ପ୍ରଦୂଷଣମୁକ୍ତ ଦୀପାବଳି ପାଳନ, ମାଟି ଦୀପର ବ୍ୟବହାର ଓ ବିଶେଷ କରି ସ୍ୱଦେଶୀ ଜିନିଷର ବ୍ୟବହାର ଲାଗି ଜନସାଧାରଣଙ୍କୁ ସ୍ଲୋଗାନ ମାଧ୍ୟମରେ ସଚେତନ କରିଥିଲେ । ଏନସିସି ଅଫିସର ଅନୁପ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୫୦ ବାଳିକା ଓ ୩୦ ବାଳକ କ୍ୟାଡେଟ ରାଲିରେ ସାମିଲ ଥିଲେ।

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ବଲସକୁମ୍ପା,୨୩।୧୦**

କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ୍ ରାଇଖୋଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଞ୍ଚଟି ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନେଇ ସରକାରଙ୍କ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ନୃତ୍ୟ ଗୀତ ଏବଂ ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ଛୋଟ ଛୋଟ ପିଲା କିପରି ବିଦ୍ୟାଳୟକୁ ଆସିବା ପାଇଁ ଆଗ୍ରହ ପ୍ରକାଶ କରିବେ ଏବଂ ବିଦ୍ୟାଳୟରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କ ଶାରୀରିକ, ମାନସିକ ବିକାଶ ପାଇଁ ଏହା କରାଯାଇଥିଲା। କାର୍ଯ୍ୟକ୍ରମକୁ ସିଆରସିସି ଅଶୋକ କୁମାର ମଲ୍ଲିକଙ୍କ ପରାମର୍ଶ ପ୍ରକାରେ ରାଇଖୋଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଚକ୍ରଧର ମାଝି, ଶିକ୍ଷୟିତ୍ରୀ ଏସ୍. ଶିବପିୟା ଦୋରା, ଜ୍ୟୋତ୍ସ୍ନା ମଲ୍ଲିକ, ବନଲତା ନାୟକ, ଅନିତା ମଞ୍ଜରୀ ବେହେରା, ଝରଣା ଦାସ ପରିଚାଳନାରେ ସହଯୋଗ କରିଥିଲେ। ମୁଖ୍ୟ ଅତିଥି ଭାବେ ଖଜୁରିପଡା ବ୍ଲକର ପୂର୍ବତନ ଉପାଧକ୍ଷ ଶଶିକାନ୍ତ କହଁର, ବିଚାରକ ଭାବେ ଖଜୁରିପଡା ଅଞ୍ଚଳର ମାଷ୍ଟର ଟାଟୁନ ଏବଂ ବରିଷ୍ଠ କଳାକାର ବିକାଶ କୁମାର ଦିଗାଲ ଦାୟିତ୍ୱ ତୁଲାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ରାଇଖୋଲ ଗାଁର ଭଦ୍ରଲୋକ ଉପସ୍ଥିତ ଥିଲେ।

# ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ ଇକୋ ରିଟ୍ରିଟ୍

**ଦାରିଙ୍ଗବାଡି,୨୩।୧୦(ଡି.ଏନ୍.ଏ.)**



ଓଡିଶାର କଶ୍ମୀର କୁହାଯାଉଥିବା ଦାରିଙ୍ଗବାଡିରେ ଏବେ ଦୁଇଦିନ ହେଲା ଶୀତ ଅନୁଭୂତ ହେଉଛି। ପାରଦ ତଳମୁହାଁ ହେଉଛି। ସେପଟେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ଦାରିଙ୍ଗବାଡିକୁ ପର୍ଯ୍ୟଟକ ଆସିଲେଣି। ଅଞ୍ଚଳରେ ଥିବା ହୋଟେଲ ରେଷ୍ଟୁରାଣ୍ଟରେ ଭିଡ ଜମିଲାଣି। ଗତ ଦୁଇବର୍ଷ ଦାରିଙ୍ଗବାଡିରେ ରାଜ୍ୟ ସରକାରଙ୍କ ପକ୍ଷରୁ ଇକୋ ରିଟ୍ରିଟ ପ୍ରାୟ ୩ମାସ ଧରି କରାଯାଉଥିବା ବେଳେ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକ ଆସି ସେଠାରେ ରାତ୍ରିଯାପନ କରିବା ସହ ବିଭିନ୍ନ ପର୍ଯ୍ୟଟନ ସ୍ଥଳ ବୁଲିବାକୁ ପସନ୍ଦ କରୁଥିବା ଦେଖାଯାଉଥିଲା। ଏହାକୁ ଦୃଷ୍ଟିରେ ରଖି ଚଳିତବର୍ଷ ଇକୋ ରିଟ୍ରିଟ ଏକ ପାହାଡକୁ ନିଆଯାଇଛି। ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଏହାର କାର୍ଯ୍ୟ ଚାଲିଛି। ପାହାଡ଼ରୁ ବଡ଼ ବଡ଼ ପଥର ବାହାର କରାଯାଇ ଜମି ସମତଳ, ବିଦ୍ୟୁତ ସଂଯୋଗ, ରାସ୍ତା ସମ୍ପ୍ରସାରଣ, ପାନୀୟଜଳ ଯୋଗାଣ, କର୍ଟେଜ ନିର୍ମାଣ ଆଦି ସମସ୍ତ ବ୍ୟବସ୍ଥା କରାଯାଉଛି। ଯୁଦ୍ଧକାଳୀନଭିତ୍ତିରେ କାର୍ଯ୍ୟ ଚାଲିଛି। ଉକ୍ତ ପାହାଡ଼ ଚାରିପଟେ ସୌନ୍ଦର୍ଯ୍ୟ ଭରପୁର ହୋଇରହିଥିବା ବେଳେ ଚାରିପଟର ଦୃଶ୍ୟ ଅତି ଆମୋଦଦାୟକ ରହିଛି। ଯାହାକି ଅତୀତରେ କରାଯାଇଥିବା ଇକୋ ରିଟ୍ରିଟଠାରୁ ଏହା ସମ୍ପୂର୍ଣ୍ଣ ଭିନ୍ନ ରହିବ। ସେହିପରି ଦାରିଙ୍ଗବାଡି ପର୍ଯ୍ୟଟନ କ୍ଷେତ୍ରକୁ ବିକାଶ କରାଯିବାକୁ ଯୋଜନା କରଯାଉଥିବା ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ୨୦୨୦ରୁ ଆରମ୍ଭ କରଯାଇଥିବା ଇକୋ ରିଟ୍ରିଟ ପର୍ଯ୍ୟଟନ ବିଭାଗର ନିଜସ୍ୱ ଜମିରେ କରାଯାଇଥିଲା।

**ଯୁଦ୍ଧକାଳୀନଭିତ୍ତିରେ ଚାଲିଛି କାର୍ଯ୍ୟ**

ଏଥିପାଇଁ ମୁକୁଳା ପଡିଥିବା ଉକ୍ତ ଜମିକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ପାଚେରି ବୁଲାଯିବା ସହ ବିଦ୍ୟୁତ ସଂଯୋଗ, ପାନୀୟଜଳ ଯୋଗାଣ ଓ ପକ୍କା ରାସ୍ତା ଆଦି ନିର୍ମାଣ କରାଯାଇଥିଲା। ତଥାପି ତାହା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରି ନ ଥିଲା । ତେଣୁ ପ୍ରଶାସନ ପୁଣି ଏକ ଜମି ଚିହ୍ନଟ କରି ସେଠାରେ ଇକୋ ରିଟ୍ରିଟ ପାଇଁ କ୍ଷେତ୍ର ପ୍ରସ୍ତୁତ କାର୍ଯ୍ୟକୁ ଜୋରଦାର ଚଳାଇଛି। ଇକୋ ରିଟ୍ରିଟ ଆସନ୍ତା ଡିସେମ୍ବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଚାଲିବା ସମ୍ଭାବନା ରହିଛି।

## ସଂକ୍ଷେପରେ

### ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ଜଣେ ଗିରଫ

ବ୍ରହ୍ମପୁର ଅଫିସ,୨୩।୧୦: ଜନୈକା ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ବ୍ରହ୍ମପୁର ସଦର ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ସନ୍ତୋଷ ଓରଫ ନିଳାଞ୍ଚଳ ମୁନୀ(୩୦)। ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମଇନା କରାଯାଇଛି। ଶନିବାର କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଥିଲା। ମାମଲା ନମ୍ବର ୪୯୮/୨୨ରେ ଅଭିଯୁକ୍ତଙ୍କୁ ପୋଲିସ ରବିବାର କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ନିଳାଞ୍ଚଳଙ୍କ ଘର ଟିକରପଡ଼ା ହୋଇଥିବା ବେଳେ ସେ ଲୋଚାପଡା ବ୍ରଜନଗରରେ ଘର ଭଡ଼ା ନେଇ ରହୁଛନ୍ତି। ନିଳାଞ୍ଚଳ ଜଣେ କାର ଡ୍ରାଇଭର ଭାବେ କାମ କରନ୍ତି। ଗତ ୨୦ ତାରିଖରେ ଜଣେ ମହିଳା କୌଣସି କାମରେ ଲୋଚାପଡା ଆସିଥିଲେ। ସେଠାରୁ ନିଳାଞ୍ଚଳ କୌଶଳ କ୍ରମେ ଉକ୍ତ ମହିଳାଙ୍କୁ ବ୍ରଜନଗରସ୍ଥିତ ତାଙ୍କ ଘରକୁ ଡାକି ନେଇଥିଲା। ସେଠାରେ ସେ ମହିଳାଙ୍କୁ ଆକ୍ରମଣ କରିବା ସହ ବଳାତ୍କାର କରିଥିଲେ। ପରେ ମହିଳା ଜଣଙ୍କ ଏନେଇ ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଅନୁସନ୍ଧାନ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା ବୋଲି କହିଛି।

### ଭାଇ-ଭଉଣୀ ଗଣ୍ଡଗୋଳ ଭାଇ କୋର୍ଟ ଚାଲାଣ

ବ୍ରହ୍ମପୁର ଅଫିସ,୨୩।୧୦: ସାମାନ୍ୟ ଘଟଣାକୁ କେନ୍ଦ୍ରକରି ଭଉଣୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ଭାଇଙ୍କୁ ଗିରଫ କରିଛି। ଗିରଫ ଜଣଙ୍କ ହେଲେ ମହମ୍ମଦ ଜଲାଲ ସରିଫ। ଟାଉନ ଥାନା ପୋଲିସ ମମଲା ନମ୍ବର ୩୦୯/୨୨ରେ ତାଙ୍କୁ କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ମହମ୍ମଦ ସରିଫ୍‌ଙ୍କ ଭଉଣୀ ଅମରିନ ବେଗମ୍ ଆନ୍ଧ୍ରପ୍ରଦେଶରେ ବିବାହ କରିଥିଲେ। ହେଲେ ସେ ପ୍ରାୟ ସମୟ ବାପଘରେ ରହିଆସୁଛନ୍ତି, ଯାହାକୁ ନେଇ ଉଭୟ ଭଉଣୀ ଭାଇଙ୍କ ମଧ୍ୟରେ ବିଭିନ୍ନ ସମୟରେ କଳହ ଲାଗି ରହୁଥିଲା। ଦୁଇଦିନ ତଳେ ଘରର ଏକ ଗ୍ରାଇଣ୍ଡରକୁ ସରିଫ୍ ଭାଙ୍ଗି ଦେଇଥିଲେ। ଏନେଇ ଘରେ ଥିବା ବୃଦ୍ଧ ବାପା ପଚାରିବାରୁ ସରିଫ ତାଙ୍କୁ ଆକ୍ରମଣ କରିଥିଲେ। ବାପାଙ୍କୁ କାହିଁକି ମାରୁଛ ବୋଲି ଅମରିନ୍ ପ୍ରତିବାଦ କରିବାରୁ ଭାଇ ଭଉଣୀଙ୍କ ତଣ୍ଟି ଚିପିଧରି ତାଙ୍କ ମୁହଁକୁ ମୁଥ ମାରିଥିଲେ। ଆକ୍ରମଣରେ ଭଉଣୀ ନାକରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଏ ନେଇ ସେ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ଘଟଣାର ଅନୁସନ୍ଧାନ କରି ସରିଫ୍‌ଙ୍କୁ ପୋଲିସ ଗିରଫ କରିଥିଲା ବୋଲି କହିଛି।

### ସପ୍ତାହରେ ୨୦ଲକ୍ଷର ବାଣ ଜବତ, ୧୪ ଗିରଫ

ବ୍ରହ୍ମପୁର ଅଫିସ,୨୩।୧୦: ଦୀପାବଳି ପର୍ବ ସୋମବାର ପାଳନ ହେବ । ଦୀପାବଳିକୁ ଆତସବାଜି(ବାଣ)ମୁକ୍ତ କରିବା ପାଇଁ ବ୍ରହ୍ମପୁର ପୋଲିସ ତରଫରୁ ଲକ୍ଷ୍ୟ ରଖାଯାଇଛି। ଜିଲାରେ ବେଆଇନ ଭାବେ ବାଣ ବ୍ୟବସାୟ ଧରପଗଡ ଜାରି ରହିଛି। ବେଆଇନ ଭାବେ ବିଭିନ୍ନ ସ୍ଥାନରେ ବିକ୍ରି ହେଉଥିବା ବ୍ୟାପକ ପରିମାଣର ବିଭିନ୍ନ କିସମର ବାଣ ପୋଲିସ ଜବତ କରିଛି। ଗତ ସପ୍ତାହ ମଧ୍ୟରେ ୬ଟି ଥାନା ପକ୍ଷରୁ ୧୪ ଟି ସ୍ଥାନରେ ଚଢ଼ାଉ କରି ୧୯ ଜଣ ବ୍ୟବସାୟୀଙ୍କୁ ଧରିଛି। ସେହିପରି ୧୪ଟି ମାମଲା ରୁଜୁ ହୋଇଛି। ବେଆଇନ ଭାବେ ଆତସବାଜି ମହଜୁଦ କରିବା ସହ ବିକ୍ରି କରୁଥିବା ବେଳେ ୪ଟି ସ୍ଥାନରେ ବଡବଜାର ପୋଲିସ ଚଢ଼ାଉ କରି ବିପୁଳ ପରିମାଣର ବାଣ ଜବତ କରିଛି। ସେହିପରି ୪ଗୋଟି ମାମଲା ରୁଜୁ କରିଛି। ସେହିପରି ଗୋଷାଣୀନୂଆଗାଁ ଥାନା ପକ୍ଷରୁ ଦୁଇଟି ମାମଲା, ସଦର ଥାନା ପକ୍ଷରୁ ଗୋଟିଏ, ଗୋଳନ୍ଥରା ଥାନା ପକ୍ଷରୁ ଦୁଇଟି, ଜରଡ଼ା ଥାନା ପକ୍ଷରୁ ୪ ଟି ଓ ଦିଗପହଣ୍ଡି ଥାନା ପକ୍ଷରୁ ଗୋଟିଏ ମାମଲା ରୁଜୁ କରାଯାଇଛି। ବ୍ରହ୍ମପୁର ପୋଲିସ ଜିଲାରେ ୨୦ ଲକ୍ଷ ଟଙ୍କାର ବାଣ ଜବତ କରିଛି ବୋଲି ବ୍ରହ୍ମପୁର ଏସପି ଡ. ଶ୍ରବଣା ବିବେକ ଏମ. ରବିବାର ସନ୍ଧ୍ୟାରେ ସୂଚନା ଦେଇଛନ୍ତି।

### ୧୫ ସ୍ଥାନରେ ପୋଲିସର ବ୍ଲକିଂ, ଚେକିଂ

ବ୍ରହ୍ମପୁର ଅଫିସ,୨୩।୧୦-ଧନ ତ୍ରୟୋଦଶୀ ଏବଂ ଦୀପାବଳିକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଡ୍ରାଇଭ୍ ଆରମ୍ଭ ହୋଇଛି। ସହରବାସୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ବ୍ରହ୍ମପୁର ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ବ୍ଲକିଂ ଓ ଚେକିଂକୁ କଡ଼ାକଡ଼ି କରାଯାଇଛି। ଏଥିପାଇଁ ୫ଟି ପାଟ୍ରୋଲିଂ ଟିମ୍ ସହରସାରା ପଇଁତରା ମାରୁଛି। ସହରର ପ୍ରମୁଖ ୧୫ଟି ସ୍ଥାନରେ ପୋଲିସ ସେହି ରାସ୍ତାଦେଇ ଉଭୟପଟୁ ଯାତାୟାତ କରୁଥିବା ପ୍ରତ୍ୟେକ ଗାଡ଼ି ଅଟକାଇ (ବ୍ଲକିଂ) ସହ ଡିକି ଓ କାଗଜପତ୍ର ଯାଞ୍ଚ କରୁଛି। ବଡ଼ବଜାର ଅଞ୍ଚଳକୁ ନଜର ରଖାଯାଇଛି। ଆପରାଧିକ କାର୍ଯ୍ୟକଳାପ ଉପରେ ରୋକ୍ ଲଗାଇବା ଏହାର ମୂଳ ଲକ୍ଷ୍ୟ ବୋଲି ବ୍ରହ୍ମପୁର ଏସ୍‌ପି ଡ. ଶ୍ରବଣା ବିବେକ ଏମ୍. ସୂଚନା ଦେଇଛନ୍ତି।

# ବିଆର୍ଏମ୍ସିଏସ୍ ବିଜେଡି ସମର୍ଥକଙ୍କ ବିଜୟ

- ୯ନଂ. ଜୋନ୍ ଭୋଟ ଲଢ଼େଇରେ ବିଜେଡି ସମର୍ଥିତ ପ୍ରାର୍ଥୀ ପରାଜିତ
- ଗଞ୍ଜାମ ସମବାୟ ସଂଘ ନିର୍ଦ୍ଦେଶକ ନିର୍ବାଚନ

ବ୍ରହ୍ମପୁର ଅଫିସ,୨୩।୧୦

ଗଞ୍ଜାମ ଜିଲା ସମବାୟ ସଂଘର ନିର୍ଦ୍ଦେଶକ ନିର୍ବାଚନ ରବିବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ଗଜପତି ଓ ଗଞ୍ଜାମକୁ ନେଇ ଏହି ସଂଘର ସମୁଦାୟ ୧୫ ଜୋନ ମଧ୍ୟରୁ ଶେରଗଡ଼ ଓ ବୁଗୁଡ଼ା ବ୍ଲକକୁ ନେଇ ଗଠିତ ୫ନଂ. ଜୋନ୍ ଏବଂ ହିଞ୍ଜିଳି ବ୍ଲକର ୧୪ନଂ. ଜୋନରେ ବିଭିନ୍ନ କାରଣରୁ ନିର୍ବାଚନ ହୋଇନପାରି ଖାଲି ପଡ଼ିଛି। ଅପରପକ୍ଷରେ ଆଉ ୧୨ଟି ଜୋନରେ ଅପ୍ରତିଦ୍ୱନ୍ଦ୍ୱି ନିର୍ଦ୍ଦେଶକ ନିର୍ବାଚିତ ହୋଇଛନ୍ତି।

ଦିଗପହଣ୍ଡି ଓ କୁକୁଡ଼ାଖଣ୍ଡି ବ୍ଲକକୁ ନେଇ ଗଠିତ ୯ନଂ ଜୋନ (ଏକମାତ୍ର)ରେ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତା ଚାଲିଥିଲା। ଜିଲା କିଷାନ କଂଗ୍ରେସ ସଭାପତି ବୃନ୍ଦାବନ ଖଟେଇ ତାଙ୍କ ପ୍ରତିଦ୍ୱନ୍ଦ୍ୱି ବିଜେଡି ମନୋନୀତ ପ୍ରାର୍ଥୀ ସନାତନ ସଂଗ୍ରାମ ସିଂଙ୍କୁ ୫୧ ଭୋଟରେ ପରାସ୍ତ କରିଛନ୍ତି। ଏହି ଜୋନ୍‌ରେ ସମୁଦାୟ ୫୬୫ ଭୋଟ ମଧ୍ୟରୁ ଖଟେଇ ୨୫୬ ଏବଂ ସଂଗ୍ରାମ ସିଂ ୨୦୫ ଭୋଟ ପାଇଥିଲେ। କଂଗ୍ରେସ ଓ ବିଜେଡି ସମର୍ଥକଙ୍କ ମଧ୍ୟରେ ହୋଇଥିବା ଭୋଟ ଲଢ଼େଇ ବେଶ୍ ରୋଚକ ହୋଇଥିଲା। ଶାସକ ଦଳର ପ୍ରାର୍ଥୀ ଚୟନରେ ହୋଇଥିବା ବିଭ୍ରାଟ ଫଳାଫଳରୁ ପଦାକୁ ଆସିଛି।

ସେହିପରି ବ୍ରହ୍ମପୁର ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି (ବିଆରଏମ୍‌ସିଏସ୍)ର ୧୫ ଜୋନ୍‌ରୁ ବିନା ପ୍ରତିଦ୍ୱନ୍ଦ୍ୱିତାରେ ୧୨ ନିର୍ଦ୍ଦେଶକ ନିର୍ବାଚିତ ହୋଇଥିଲେ। ୧୪ନଂ. ଜୋନ୍‌ରୁ ଶାସକ ଦଳ ସମର୍ଥିତ ସୁରେଶ ସାହୁ ଏବଂ କିଷାନ କଂଗ୍ରେସ ନେତା ବୃନ୍ଦାବନ ଖଟେଇଙ୍କ ମଧ୍ୟରେ ଲଢ଼େଇ ହୋଇଥିଲା। ସୁରେଶ ୭୭ ଭୋଟ ପାଇଥିବା ବେଳେ ବୃନ୍ଦାବନ ୩୬ ଭୋଟ ପାଇ ପରାସ୍ତ ହୋଇଛନ୍ତି। ସେହିପରି ୧୫ନଂ ଜୋନ୍‌ରୁ ସନ୍ତୋଷ ଚୌଧୁରୀ ଓ ଅନ୍ତର୍ଯ୍ୟାମୀ ସ୍ୱାଇଁ ୭ନଂ ଜୋନରୁ ଜିତିଛନ୍ତି। ଉଭୟ ଶାସକ ଦଳ ସମର୍ଥିତ ବୋଲି ଜଣାପଡ଼ିଛି। ଏହି ନିର୍ବାଚନ ମଧ୍ୟ ରବିବାର ଅନୁଷ୍ଠିତ ହୋଇଥିଲା।

# ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀଙ୍କ ହିମାଚଳ ପ୍ରଦେଶ ଗସ୍ତ




ହିମାଚଳ ପ୍ରଦେଶ ଅଭିମୁଖେ ଯାତ୍ରା କରିଥିବା ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀ।

ବ୍ରହ୍ମପୁର ଅଫିସ,୨୩।୧୦

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

ଜାତୀୟ ସେବା ଯୋଜନା ପକ୍ଷରୁ ଚଳିତ ବର୍ଷ ହିମାଚଳ ପ୍ରଦେଶସ୍ଥିତ ନାରକଣ୍ଡାଠାରେ ହାଇ ଅଲଟଚ୍ୟୁଡ଼ ମାଉଣ୍ଟେନେରିଂ ଇନଷ୍ଟିଚ୍ୟୁଟଠାରେ ଦୁଃସାହସିକ କ୍ୟାମ୍ପ ଅନୁଷ୍ଠିତ ହେଉଛି। ଏହି କ୍ୟାମ୍ପରେ ସ୍ୱେଚ୍ଛାସେବୀଙ୍କୁ ହିମାଳୟ ପର୍ବତାରୋହଣ,ରିଭରକ୍ରସିଂ, ରେସ୍କ୍ୟୁଇଂ ଭଳି ତାଲିମ ପ୍ରଦାନ କରାଯିବ। ଏହି କ୍ୟାମ୍ପ ନିମନ୍ତେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏନ୍ଏସ୍ଏସ୍ ପକ୍ଷରୁ ରବିବାର ସ୍ୱେଚ୍ଛାସେବୀମାନେ ହିମାଚଳ ପ୍ରଦେଶ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଅଭିଯାନ ନିମନ୍ତେ ବିଶ୍ୱବିଦ୍ୟାଳୟ ପକ୍ଷରୁ ପୁରୁଷୋତ୍ତମପୁର ତାରାତାରିଣୀ ମହାବିଦ୍ୟାଳୟର ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ ବିପ୍ଳବ ରଞ୍ଜନ ଦାଶ ଓ ମାଲକାନଗିରି ମହାବିଦ୍ୟାଳୟର ପ୍ରେମରେଖା ବୋଥ୍ରାଙ୍କ ତତ୍ତ୍ୱାବଧାନରେ ବିଶ୍ୱବିଦ୍ୟାଳୟର ୨୦ଜଣ ସ୍ୱେଚ୍ଛାସେବୀ ହିମାଚଳ ପ୍ରଦେଶ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଦୁସାହସିକ ଅଭିଯାନ ନିମନ୍ତେ ପୂର୍ବରୁ ବିଶ୍ୱବିଦ୍ୟାଳୟସ୍ତରରେ ସ୍ୱେଚ୍ଛାସେବୀଙ୍କ ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱେଚ୍ଛାସେବୀଙ୍କ ଶାରୀରିକ ଦକ୍ଷତା ଓ ସ୍ୱାସ୍ଥ୍ୟ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ରବିବାର ବ୍ରହ୍ମପୁର ରେଳଷ୍ଟେଶନରୁ ହିମାଚଳ ପ୍ରଦେଶ ଅଭିମୁଖେ ଗସ୍ତ କରିଥିବା ସ୍ୱେଚ୍ଛାସେବୀମାନେ ପ୍ରଥମେ ଦିଲ୍ଲୀରେ ପହଞ୍ଚିବା ପରେ ସେଠାରୁ ଶିମଳା ଯାଇ ଦୁଇଦିନ ପରେ ନାରକଣ୍ଡା ବେସ୍ କ୍ୟାମ୍ପରେ ପହଞ୍ଚିବେ। ପରେ ହିମାଚଳ ପ୍ରଦେଶସ୍ଥିତ ହାଇ ଅଲଟିଚ୍ୟୁଡ୍ ମାଉଣ୍ଟେନେରିଂ ଇଷ୍ଟିଚ୍ୟୁଟ୍, ନାରକଣ୍ଡାର ପ୍ରଶିକ୍ଷକଙ୍କ ତତ୍ତ୍ୱାବଧାନରେ ହିମାଳୟ ପର୍ବତାରୋହଣ ଅଭିଯାନ ଆରମ୍ଭ ହେବ। କ୍ୟାମ୍ପ ନିମନ୍ତେ ଯିବା ପୂର୍ବରୁ ସ୍ୱେଚ୍ଛାସେବୀଙ୍କୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, କୁଳସଚିବ ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଓ ସ୍ନାତକୋତ୍ତର ବିଭାଗ ସମୂହ ଅଧକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତିଙ୍କ ସହ ସାକ୍ଷାତ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ଏନଏସଏସ ଯୋଜନା ସଂଯୋଜକ ଡ.ଜୟନ୍ତ କୁମାର ପଣ୍ଡା ଓ ଜିଲା ଯୋଜନା ଅଧିକାରୀ ସୁଦାମ ଚରଣ ବିଷୋୟୀ ଉପସ୍ଥିତ ରହି ସ୍ୱେଚ୍ଛାସେବୀଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଲକ୍ଷାଧିକ ଟଙ୍କା, ସୁନାଗହଣା ନେଇଗଲେ

**ତାଲାବନ୍ଦ ଘରୁ ଚୋରି**

ବ୍ରହ୍ମପୁର ଅଫିସ,୨୩।୧୦

ବ୍ରହ୍ମପୁର ସହରରେ ଏବେ ଧୀରେ ଧୀରେ ଚୋର ଗ୍ୟାଙ୍ଗ୍ ସକ୍ରିୟ ହେବାରେ ଲାଗିଛନ୍ତି। ଏହି ଧାରାରେ ଗୋଟିଏ ରାତିରେ ବନ୍ଦ ଥିବା ଏକ ଦୁଇମହଲା ଘରୁ ଚୋରି ହୋଇଛି। ଉକ୍ତ ଦୁଇଟି ଘରୁ ମୋଟ୍ ୫୦ ଗ୍ରାମ୍‌ର ସୁନା ଗହଣା, ରୁପା ସାମଗ୍ରୀ, ୨୫ ହଜାର ଟଙ୍କା ଓ କେତେକ ମୂଲ୍ୟବାନ ସାମଗ୍ରୀ ଚୋରି ହୋଇଥିଲା। ଶନିବାର ଏନେଇ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ପୃଥକ୍ ଭାବେ ୩୦୩/୨୨ ଓ ୩୦୪/୨୨ରେ ଦୁଇଟି ମାମଲା ରୁଜୁ କରିଛି। ପ୍ରକାଶ ଯେ, ଟାଉନ ଥାନା ଅନ୍ତର୍ଗତ ବ୍ୟାଙ୍କ କଲୋନୀର ୭ମ ଲାଇନ୍‌ରେ ଥିବା ଏକ କୋଠାର ତଳମହଲାରେ ରହୁଥିବା ଘର ମାଲିକ ବିପ୍ରଚରଣ ଦାସ ଓ ତାଙ୍କ ସ୍ତ୍ରୀ ଘରେ ତାଲା ପକାଇ ଗତ ୯ ତାରିଖରେ ବାହାରକୁ ଯାଇଥିଲେ। ତାଙ୍କ ପୁଅ ଶୁଭାଶିଷ ଦାସ ଭୁବନେଶ୍ୱରରେ କାମ କରି ସେଠାରେ ରୁହନ୍ତି। ସେହିପରି ଉକ୍ତ ଘରର ଉପର ମହଲାରେ ଭଡ଼ାରେ ରହୁଥିବା ପୁରୀ ଜିଲା କୃଷପ୍ରସାଦ ଥାନା ଅନ୍ତର୍ଗତ ମାଲୁଦର ପୁଷ୍ପାଞ୍ଜଳି ବେହେରା ଓ ତାଙ୍କ ସ୍ୱାମୀ ସୌମ୍ୟରଞ୍ଜନ ଜେନା ମଧ୍ୟ କୌଣସି କାମରେ କିଛିଦିନ ତଳେ ବାହାରକୁ ଯାଇଥିଲେ। ଗତ ଶୁକ୍ରବାର ଉକ୍ତ ଘରର ମୁଖ୍ୟ ଫାଟକର ତାଲା ଭଙ୍ଗାଯାଇଥିବା ନେଇ ସେଠାରେ ରହୁଥିବା କିଛି ଲୋକ ପୁଷ୍ପାଞ୍ଜଳିଙ୍କୁ ଜଣାଇଥିଲେ। ପୁଷ୍ପାଞ୍ଜଳି ଏ କଥା ଘର ମାଲିକଙ୍କୁ କହିଥିଲେ। ପରେ ମାଲିକଙ୍କ ପୁଅ ଶୁଭାଶିଷ ଭୁବନେଶ୍ୱରରୁ ବ୍ରହ୍ମପୁର ଆସିଥିଲେ। ଅନ୍ୟପଟେ ପୁଷ୍ପାଞ୍ଜଳି ମଧ୍ୟ ବ୍ରହ୍ମପୁର ଆସିଥିଲେ। ବିପ୍ରଚରଣ ଘର ଭିତରକୁ ଯାଇ ଦେଖିବା ବେଳେ ଲୁଟିଆମାନେ ଘରେ ଥିବା ଆଲମୀରା ଭାଙ୍ଗି ସେଥିରୁ ୧୫ ଗ୍ରାମ୍‌ର ସୁନା ଗହଣା, ୨୦ ହଜାର ଟଙ୍କା, ଦାମୀ ଘଣ୍ଟା, ରୁପା ସାମଗ୍ରୀ ଓ ଗୋଟିଏ ମୋବାଇଲ ନେଇଯାଇଥିଲେ। ଅନ୍ୟପଟେ ପୁଷ୍ପାଞ୍ଜଳି ମଧ୍ୟ ଉପର ମହଲାକୁ ଯାଇ ଦେଖିବା ବେଳେ ଘର ଭିତରେ ଥିବା ଆଲମୀରା ଦୁଇଟି ଭଙ୍ଗାଯାଇଥିଲା। ସେଥିରେ ଥିବା ୨୫ ଗ୍ରାମ୍‌ର ଏକ ସୁନାହାର ଓ ୧୦ ଗ୍ରାମ୍‌ର ସୁନା କାନଫୁଲ, ୫ ହଜାର ଟଙ୍କା ଓ କିଛି ମୂଲ୍ୟବାନ ସାମଗ୍ରୀ ଗାଏବ ଥିଲା। ଘର ମାଲିକଙ୍କ ପୁଅ ଓ ଭଡ଼ାଟିଆ ଏନେଇ ପୃଥକ୍ ଭାବେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସିସିଟିଭି ଫୁଟେଜ୍ ସଂଗ୍ରହ କରି ଲୁଟେରା ଗ୍ୟାଙ୍ଗ୍‌କୁ ଧରିବା ପାଇଁ ଯୋଜନା ଚଳାଇଛି।

# ଦୀପାବଳିରେ ବାଣ ନ ଫୁଟାଇବାକୁ ପରାମର୍ଶ

ବ୍ରହ୍ମପୁର ଅଫିସ,୨୩।୧୦

ଆର୍ଯ୍ୟଭଟ୍ଟ ଭାଉଣ୍ଡେଶନ ପକ୍ଷରୁ ଦୀପାବଳିରେ ବାଣ ବର୍ଜନ ନେଇ ଏକ ସଚେତନତା ପଦଯାତ୍ରା ଆରମ୍ଭ ହୋଇଛି। ରବିବାର ଫାଉଣ୍ଡେଶନ ପକ୍ଷରୁ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଗିରିଜା ଛକ, ସାନ ବଜାର, ବଡ ବଜାର, ଖାସ୍ବା ସାହି, ପୁରୁଣା ବ୍ରହ୍ମପୁର ଓ ଠାକୁରାଣୀ ମନ୍ଦିର ରାସ୍ତାରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଦୀପାବଳିରେ ବାଣ ନ ଫୁଟାଇ ଦୀପ ଜାଳି ପାଳନ କରିବା। ଦୀପାବଳିରେ ବାଣ ଫୁଟାଇବା ଦ୍ୱାରା ସେଥିରୁ ନିର୍ଗତ ବିଷାକ୍ତ ଧୂଆଁ ପରିବେଶକୁ ଦୂଷିତ କରି ବାୟୁମଣ୍ଡଳକୁ ଦୂଷିତ କରିଥାଏ। ଫଳରେ ପକ୍ଷୀ ଓ ଛୋଟ ଶିଶୁଙ୍କ କ୍ଷେତ୍ରରେ ପ୍ରତିକୂଳ ପ୍ରଭାବ ପକାଇଥାଏ ବୋଲି ଫାଉଣ୍ଡେଶନ ପକ୍ଷରୁ ସଚେତନ କରାଯାଇଥିଲା। ଏଥିରେ ଇକୋ କ୍ଲବ ସଂଯୋଜକ ଶଙ୍କର ନାରାୟଣ ବେଜ, ଫାଉଣ୍ଡେଶନ ସଭାପତି ସୁଧୀର ରାଉତଙ୍କ ସମେତ ଜମୁଲା ରବି, ଭୀମରାଜୁ ପାତ୍ର ଓ ଶୁଭେନ୍ଦୁ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ ପକ୍ଷରୁ ସଚେତନତା।

# ଧନତ୍ରୟୋଦଶୀରେ ୨୦ କୋଟିର ସୁନା ବ୍ୟବସାୟ

ବ୍ରହ୍ମପୁର ଅଫିସ,୨୩।୧୦

ଦୀପାବଳୀ ପୂର୍ବ ଦିନ ଅର୍ଥାତ ରବିବାର ରେଶମ ସହରରେ ଧନତ୍ରୟୋଦଶୀ ପାଳନ କରାଯାଇଛି। ଏହି ଦିନରେ ସହରବାସୀ ନୂତନ ସାମଗ୍ରୀ ଓ ସୁନା ରୁପା ଗହଣା ସାମଗ୍ରୀ କ୍ରୟ କରିବା ଦ୍ୱାରା ଲକ୍ଷ୍ମୀଙ୍କ ଆଶିଷ ଲାଭ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହାକୁ ନେଇ ସହରର ସୁନା ଗହଣା ଦୋକାନରେ ବେଶ ଭିଡ ଦେଖିବାକୁ ମିଳିଥିଲା। ଦୀର୍ଘ ୨ ବର୍ଷ ଧରି କରୋନା ମହାମାରୀ କାରଣରୁ ସୁନା ବ୍ୟବସାୟ ମାନ୍ଦା ରହିଥିଲା। ଏହାସହିତ ସୁନା ଦରରେ ଅହେତୁକ ବୃଦ୍ଧି କାରଣରୁ ବ୍ୟବସାୟ ମାନ୍ଦାବସ୍ଥାର ଅନ୍ୟ ଏକ କାରଣ ବୋଲି କୁହାଯାଏ। ତେବେ ଚଳିତ ଥର ସହରବାସୀ ଧନତ୍ରୟୋଦଶୀକୁ ଧୁମ ଧାମରେ ପାଳନ କରିଛନ୍ତି। ପୂର୍ବାହ୍ନରୁ ରାତି ୧୦ଟା ଯାଏ ସୁନା ଓ ରୂପା ଦୋକାନଗୁଡିକରେ ନାହିଁ ନ ଥିବା ଭିଡ ଦେଖିବାକୁ ମିଳିଥିଲା। ସହରରେ ବିଶେଷ କରି ସାନ ବଜାର ଓ ବଡ ବଜାର ଅଞ୍ଚଳରେ ୧୦୦ରୁ ଊର୍ଦ୍ଧ୍ୱ ଦୋକାନ ରହିଛି। ଧନତ୍ରୟୋଦଶୀକୁ ଦୃଷ୍ଟିରେ ରଖି ନାମୀଦାମୀ ସୁନା ଦୋକାନଗୁଡିକରେ ଗଢା ମୂଲ୍ୟ ଛାଡ ସହ ସୁନା କିଣା ପିଛା ଉପହାର ଅଫର ମଧ୍ୟ ରହିଥିଲା। ଯାହା ଗ୍ରାହକଙ୍କ କ୍ଷେତ୍ରରେ ଅଧିକ ଆଦୃତ ହୋଇଥିଲା। ହଲ୍‌ମାର୍କ ସୁନା ୧୦ ଗ୍ରାମ ପିଛା ୪୭ ହଜାର ୨୦୦ ଟଙ୍କା ରହିଥିଲା। ରୁପା କେଜି ୬୦ ହଜାର ଟଙ୍କା ରହିଛି। ତେବେ ବ୍ରହ୍ମପୁର ସୁନା ବଜାରରେ ରବିବାର ଗୋଟିଏ ଦିନରେ ପ୍ରାୟ ୨୦ କୋଟି ସୁନା ବ୍ୟବସାୟ ହୋଇଥିବା ବ୍ରହ୍ମପୁର ଜୁଏଲର୍ସ ଆସୋସିଏଶନ ସଭାପତି ପି.ସତ୍ୟ ନାରାୟଣ ସୂଚନା ଦେଇଛନ୍ତି। ସେହିଭଳି ସହରର ରୁପା ଦୋକାନ ଗୁଡିକରେ ରୁପା କଏନ, ଲକ୍ଷ୍ମୀ ମୂର୍ତ୍ତି ଓ ରୁପାରେ ନିର୍ମିତ ଅନ୍ୟାନ୍ୟ ସାମଗ୍ରୀ କିଣିବାକୁ ମଧ୍ୟ ସହରବାସୀଙ୍କ ଭିଡ ଜମିଥିଲା।



ସୁନା ଦୋକାନରେ ଗ୍ରାହକଙ୍କ ଭିଡ।

**ସେଲ୍‌ଫି କର୍ନର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

**bmpselfie@gmail.com**



@ ଅରୁସ୍ମିତା



@ ବିକାଶ



@ ପୂର୍ଣ୍ଣପ୍ରଭା



@ ଗୋପାଳ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆନ୍ଧ୍ର ବିସ୍ତାରବାଦୀ ଅଭିପ୍ରାୟକୁ ଉତ୍କଳ ସମ୍ମିଳନୀର ନିନ୍ଦା

ବ୍ରହ୍ମପୁର ଅଫିସ୍,୨୩।୧୦

ରାଜ୍ୟର ଦକ୍ଷିଣ ଉପାନ୍ତ ଅଞ୍ଚଳରେ ଆନ୍ଧ୍ର ସରକାରଙ୍କ ବାରମ୍ବାର ଅନୁପ୍ରବେଶ ଓ ଉପାନ୍ତ ଅଞ୍ଚଳବାସୀଙ୍କୁ ସହାୟତା ପ୍ରଦାନର ପ୍ରଲୋଭନ ଦେଖାଇ ଯେଉଁଭଳି ଭାବେ ଅସ୍ଥିରତା ସୃଷ୍ଟି କରିଚାଲିଛନ୍ତି ତାହା ଚାଇନା ତଥା ପାକିସ୍ତାନଠାରୁ ବଳିଗଲାଣି। ଆନ୍ଧ୍ରପ୍ରଦେଶ ସରକାରଙ୍କ ଏଭଳି ବିସ୍ତାରବାଦୀ ଅଭିପ୍ରାୟକୁ ଉତ୍କଳ ସମ୍ମିଳନୀ ପକ୍ଷରୁ ଗଞ୍ଜାମ କଳା ପରିଷଦଠାରେ ଆୟୋଜିତ ସାଧାରଣ ସଭାରେ ଦୃଢ଼ ବିରୋଧ କରାଯାଇଛି। ସଭାରେ ସମ୍ମିଳନୀର ଜିଲା ଶାଖା ସଭାପତି ଡ. ସୁବ୍ରତ କୁମାର ସାହୁ ଅଧକ୍ଷତା କରିଥିଲେ। ଅତିଥି ଭାବେ ସମ୍ମିଳନୀ ଉପସଭାପତି ଡ. ବନମାଳୀ ପାଣିଗ୍ରାହୀ, ଗବେଷକ ଡ. କୃଷ୍ଣପ୍ରସାଦ ମହାପାତ୍ର ଓ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ଯୋଗଦେଇଥିଲେ। ୧୯୩୬ ଏପ୍ରିଲ ୧ରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ତଥ୍ୟ ସହ ୧୯୫୨ରେ ଆନ୍ଧ୍ରପ୍ରଦେଶ ଗଠନ ସମୟରେ ଆଲୋଚନା ପର୍ଯ୍ୟାଲୋଚନା ଓ ଚୁକ୍ତିନାମାର ଖିଲାପ ହେଉଛି ବୋଲି ଅତିଥିମାନେ କହିଥିଲେ। ବିଗତ ଦିନରେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। କିନ୍ତୁ ଆନ୍ଧ୍ରପ୍ରଦେଶ ଉପମୁଖ୍ୟମନ୍ତ୍ରୀ ଓଡ଼ିଶାର କୋଟିଆ ସମେତ ଅନ୍ୟାନ୍ୟ ଅଞ୍ଚଳରେ ଲୋକଙ୍କୁ ସହାୟତା ପ୍ରଦାନ କରିବା ଅତ୍ୟନ୍ତ ନିନ୍ଦନୀୟ କାର୍ଯ୍ୟ। ରାଜ୍ୟ ସରକାରଙ୍କ ସହ ବିନା ଆଲୋଚନାରେ ଏପରି କିଛି କରିବା ନିଶ୍ଚିତ ଭାବରେ ଏକ ବିବାଦୀୟ ବିଷୟ। ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସଭାରେ ଦୃଢ ମତ ପ୍ରକାଶ ପାଇଥିଲା। କେନ୍ଦ୍ର ସରକାର ମଧ୍ୟ ପଦକ୍ଷେପ ଗ୍ରହଣ କରିବାକୁ ସଭାରେ ମତ ପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ହାଡ଼ିବନ୍ଧୁ ମାଳି, କପିଳ ଚନ୍ଦ୍ର ମହାନ୍ତି, ଡା. ସମରେନ୍ଦ୍ର କୁମାର ସାହୁ, ତାରିଣୀ ପ୍ରସାଦ ନାୟକ, ସରୋଜକାନ୍ତ ରଥ, ମହମ୍ମଦ ଆସ୍‌ଲାମ, ବିଘ୍ନେଶ୍ୱର ପାଢ଼ୀ, ରମାବଲ୍ଲଭ ଦାସ, ଶରତ ଚନ୍ଦ୍ର ଦାସଙ୍କ ସମେତ ସମ୍ମିଳନୀର ବହୁ ସଦସ୍ୟ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ବ୍ରହ୍ମପୁର, ସୋମବାର, ୨୪ ଅକ୍ଟୋବର, ୨୦୨୨



**ମହୁରୀକାଳୁଆ ଯାତ୍ରା ଶୁଭଖୁଣ୍ଟି ସ୍ଥାପନ**

ହିଞ୍ଜିଳିକାଟୁ,(ଡି.ଏନ୍.ଏ.): ଆସନ୍ତା ୩୧ ତାରିଖ କାର୍ତ୍ତିକ ଶୁକ୍ଳ ସପ୍ତମୀରୁ ଆରମ୍ଭ ହୋଇ ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ହିଞ୍ଜିଳିକାଟୁ ପୌରପରିଷଦ ଅନ୍ତର୍ଗତ ଆଙ୍କରଡା ଗ୍ରାମରେ ମା' ମହୁରୀ କାଳୁଆଙ୍କ ଯାତ୍ରା ଅନୁଷ୍ଠିତ ହେବ। ଏହି ଯାତ୍ରା ଲାଗି ରବିବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। କାର୍ଯ୍ୟକ୍ରମରେ ଯାତ୍ରା କମିଟି ସଭାପତି ନୀଳମଣି ପଟ୍ଟନାୟକ, ହିଞ୍ଜିଳିକାଟୁ ପୌରପରିଷଦ ଅଧକ୍ଷ ସୁବାସ ପଲେଇ, ସନାତନ ନାହାକ, ଯୁଧିଷ୍ଠିର ସ୍ୱାଇଁ, ଗ୍ରାମ ସଭାପତି ଉମାଚରଣ ପାଢ଼ି, ଯୋଗେନ୍ଦ୍ର ଖାଡଙ୍ଗା, ସଦାନନ୍ଦ ସେଠୀ, ଶ୍ୟାମଘନ ବେହେରା, କାହ୍ନୁ ସେଠି, ସୁନିଲ ନାହାକଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ। ତପନ କୁମାର ପାଢୀ ପୂଜାପାଠ କରିଥିଲେ।

## ସଂକ୍ଷେପରେ

### କଳିଙ୍ଗା ଘାଟିରେ ବସ୍ ଦୁର୍ଘଟଣା
#### ଡ୍ରାଇଭରଙ୍କ ଯୋଗୁ ରକ୍ଷା ପାଇଲେ ଯାତ୍ରୀ

ଜି.ଉଦୟଗିରି,୨୩।୧୦ (ଡି.ଏନ.ଏ.)- ରାଇକିଆଠାରୁ ବ୍ରହ୍ମପୁର ଯାଉଥିବା ଏକ ଯାତ୍ରୀବାହୀ ବସ୍ ବ୍ରେକ ଫେଲ ହୋଇ କଳିଙ୍ଗା ଘାଟି ଅନ୍ଧାରକୁଟି ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ରବିବାର ସକାଳ ୯ଟା ପାଖାପାଖି ବସ୍ ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ବସ୍‌କୁ ଘାଟିରେ ଏକ ନିରାପଦ ସ୍ଥାନ ଡ୍ରେନ୍‌କୁ ଖସାଇ ଦେଇଥିଲେ। ଫଳରେ ଯାତ୍ରୀମାନେ ସୁରକ୍ଷିତ ରହିବା ସହ ବସ୍ ସେତେ କ୍ଷତିଗ୍ରସ୍ତ ହୋଇନାହିଁ ବୋଲି ଡ୍ରାଇଭର କହିଛନ୍ତି।

### କେନ୍ଦ୍ରୀୟ ବିଦ୍ୟାଳୟ ଅଭିଭାବକ ସମ୍ମିଳନୀ

**ଆସିକା,୨୩।୧୦(ଡି.ଏନ୍.ଏ.):** ଆସିକା କେନ୍ଦ୍ରୀୟ ବିଦ୍ୟାଳୟର ଅଭିଭାବକଙ୍କ ସାଧାରଣ ବୈଠକ ରବିବାର ଖମ୍ବେଶ୍ୱରୀ ମନ୍ଦିର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା । ବିଶେଶ୍ୱର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ବହୁ ଅଭିଭାବକ ଯୋଗଦେଇ କେନ୍ଦ୍ରୀୟ ବିଦ୍ୟାଳୟର ବିଭିନ୍ନ ଆବଶ୍ୟକତା ଓ ବିଦ୍ୟାଳୟର ଉଜ୍ଜଳ ଭବିଷ୍ୟତ ଲାଗି ଆଲୋଚନା କରିଥିଲେ । ବୈଠକରେ ବିଦ୍ୟାଳୟରେ ସ୍ଥାୟୀ ଅଧକ୍ଷ ନିଯୁକ୍ତି, ସ୍ଥାୟୀ ଶିକ୍ଷକ ନିଯୁକ୍ତି, ପରିକ୍ଷା କେନ୍ଦ୍ର ସ୍ଥାପନ, ଏକାଦଶ ଶ୍ରେଣୀ ଖୋଲିବା ଲାଗି ଦୃଢ଼ମତ ପ୍ରକାଶ ପାଇଥିଲା । ୪ଜଣଙ୍କୁ ନେଇ ଏକ ଉପଦେଷ୍ଟା ମଣ୍ଡଳି ଓ ୨୧ଜଣଙ୍କୁ ନେଇ ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ସନ୍ତୋଷ କୁମାର ସେଠୀ, ଅରୁଣ ସେଠୀ, ବିଶ୍ୱନାଥ ସେଠୀ, ଶଙ୍କର ସାହୁ, ଶ୍ୟାମସୁନ୍ଦର ପାଢ଼ୀ, ନାରାୟଣ ମୁନି, ନାରାୟଣ ଜେନା, ଅନିଲ ପାଣିଗ୍ରାହୀ, ନାରାୟଣ ବେହେରା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

### ପାଗଳ ହନୁକୁ କାବୁ କଲା ବନବିଭାଗ

**ହିଞ୍ଜିଳିକାଟୁ,୨୩।୧୦(ଡି.ଏନ୍.ଏ.):** ହିଞ୍ଜିଳିକାଟୁ ବନ ବିଭାଗ ଅଧୀନ ପୁରୁଷୋତ୍ତମପୁର ବ୍ଲକ ଯାମୁନୀ ଗ୍ରାମରେ ଗତ୪ଦିନ ଧରି ଏକ ପାଗଳ ହନୁମାଙ୍କଡକୁ ନେଇ ଲୋକେ ଭୟଭୀତ ଥିଲେ। ମାଙ୍କଡ ଆକ୍ରମଣରେ ଗ୍ରାମର ୫ ଜଣ ଆହତ ହୋଇଥିଲେ। ହନୁକୁ କାବୁ କରିବା ପାଇଁ ଜନସାଧାରଣ ବନ ବିଭାଗକୁ ଜଣାଇଥିଲେ। ରବିବାର ବ୍ରହ୍ମପୁର ଡିଏଫଓଙ୍କ ନିର୍ଦ୍ଦେଶରେ ରେଞ୍ଜର ରଜତ କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ ଯାମୁନୀ ଗ୍ରାମରେ ପହଞ୍ଚି ଟ୍ରାଙ୍କୁଲାଇଜର ପ୍ରୟୋଗ କରି ହନୁମାଙ୍କଡକୁ କାବୁ କରିଥିଲେ। ତାହାର ଚିକିତ୍ସା ପରେ ଟାମଣା ଜଙ୍ଗଲରେ ଛଡାଯିବ ବୋଲି ହିଞ୍ଜିଳିକାଟୁ ଫରେଷ୍ଟର ପ୍ରଦୀପ କୁମାର ପଣ୍ଡା କହିଛନ୍ତି।

### ଧନ୍ୱନ୍ତରୀଙ୍କ ଜୟନ୍ତୀ ପାଳିତ

**ବୁଗୁଡା,୨୩।୧୦(ଡି.ଏନ.ଏ.):** ବୁଗୁଡା ଅରବିନ୍ଦନଗର ନିବାସୀ ଆୟୁର୍ବେଦ ଚିକିତ୍ସକ କିଶୋର ଚନ୍ଦ୍ର ପଣ୍ଡାଙ୍କ ପକ୍ଷରୁ ତାଙ୍କ ବାସଭବନ ପରିସରରେ ଭଗବାନ ଧନ୍ୱନ୍ତରୀଙ୍କ ଜୟନ୍ତୀ ପାଳିତ ରବିବାର ହୋଇଯାଇଛି। ପବିତ୍ର କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀ ତିଥିରେ ଆୟୋଜିତ କାର୍ଯ୍ୟକ୍ରମରେ ଚର୍ତୁଭୁଜ ଧନ୍ୱନ୍ତରୀଙ୍କ ନିକଟରେ ଯଥା ରୀତିନୀତି ପ୍ରକାରେ ପୂଜାପାଠ ପୂର୍ବକ ଲୋକ କଲ୍ୟାଣାର୍ଥେ ଏବଂ ଜରା ବ୍ୟାଧି ନିବାରଣ ନିମନ୍ତେ ଆରାଧନା କରାଯାଇଥିଲା। ଏହି ଅବସରରେ ଦେବବୈଦ୍ୟ ଧନ୍ୱନ୍ତରୀଙ୍କ ଭକ୍ତଗଣ ଏବଂ ସାହି ବାସିନ୍ଦା ଭଗବାନଙ୍କ କୃପା ଭିକ୍ଷା ପୂର୍ବକ ସ୍ୱ ସ୍ୱ ପରିବାରର ଆରୋଗ୍ୟ କାମନା କରିଥିଲେ।

### ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ମହିଳା ସଂଘର ସହାୟତା

**ଶେରଗଡ୨୩।୧୦(ଡି.ଏନ.ଏ.):** ଶେରଗଡସ୍ଥିତ କଳିଙ୍ଗ ବୈଶ୍ୟ ସମାଜ ମହିଳା ସଂଘ ପକ୍ଷରୁ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ସହାୟତା ପ୍ରଦାନ କରାଯାଇଛି। ରବିବାର ସଂଘ ସଭାନେତ୍ରୀ ପି. ସୁଜାତା ପାତ୍ର ,ସମ୍ପାଦିକା ସି.ଏଚ.ସରିତା କୁମାରୀ ସୁବୁଦ୍ଧି, କୋଷାଧକ୍ଷ ପି.ମମତା ପାତ୍ର ଓ କଳିଙ୍ଗ ବୈଶ୍ୟ ସମାଜର ପୃଷ୍ଟି ଏସ.ଅଶୋକ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ଟିମ ବାକିଲିକଣା ଗ୍ରାମରେ କବି ନରସିଂହ ମଠ ଦୃଷ୍ଟିହୀନ ବଧିର ବିଦ୍ୟାଳୟରେ ପହଞ୍ଚି ଛାତ୍ରଛାତ୍ରୀଙ୍କୁ ବସ୍ତ୍ର ,ଚାଦର ଓ ଖାଦ୍ୟ ପ୍ରଦାନ କରିଥିଲେ। ଆୟୋଜିତ ସଭାରେ ବିଦ୍ୟାଳୟ ସଭାପତି କାଳୁଚରଣ ଭୂୟାଁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହ ଏହି କାର୍ଯ୍ୟ ପାଇଁ ପ୍ରଶଂସା କରିଥିଲେ।

# ଟାଟା ଅଧିକୃତ ସମସ୍ତ ଜମି ଫେରସ୍ତ କରାଯାଉ

## ଗଞ୍ଜାମ ଜିଲା ସିପିଆଇର ଦାବି

**ବ୍ରହ୍ମପୁର ଅଫିସ,୨୩।୧୦**

ଗଞ୍ଜାମ ଜିଲା ସିପିଆଇର ଜରୁରୀ ବୈଠକ ରବିବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ୨୬ ବର୍ଷ ତଳେ ମେଗା ଇସ୍ପାତ ପ୍ରକଳ୍ପ ନିର୍ମାଣ ନାଁରେ ଟାଟା କମ୍ପାନୀ ଅଧିଗ୍ରହଣ କରିଥିବା ଛତ୍ରପୁର ଓ ଗୋପାଳପୁର ଅଞ୍ଚଳର ସାଢ଼େ ୩ ହଜାରରୁ ଅଧିକ ଜମି ଏବେବି ପଡ଼ିଆ ପଡ଼ିଛି। ଇସ୍ପାତ କାରଖାନାରୁ କମ୍ପାନୀ ଓହରି ଯାଇଥିବାରୁ ସେହି ସମସ୍ତ ଜମି ସମ୍ପୃକ୍ତ ଚାଷୀ ଓ ବ୍ୟକ୍ତିଙ୍କୁ ଫେରସ୍ତ ପାଇଁ ବୈଠକରେ ଦାବି କରାଯାଇଛି। କେବଳ ସେତିକି ନୁହେଁ ଜମି ଅଧିଗ୍ରହଣ ବେଳେ କମ୍ୟୁନିଷ୍ଟ ପାର୍ଟି ଏହାକୁ ବିରୋଧ କରି ବୃହତ ଆନ୍ଦୋଳନ କରିଥିଲା। ସେତେବେଳେ ପାର୍ଟିର ନେତା ଓ ଅଞ୍ଚଳବାସୀଙ୍କ



ବୈଠକରେ ଉପସ୍ଥିତ ସିପିଆଇ ନେତା ।

ଉପରେ ଅକଥନୀୟ ଅତ୍ୟାଚାର କରାଯିବା ସହ ଅନେକଙ୍କ ବିରୋଧରେ ମାମଲା ମଧ୍ୟ ରୁଜୁ କରାଯାଇଥିଲା। ସେସବୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର ଲାଗି ମଧ୍ୟ ସିପିଆଇ ଦାବି କରିଛି। ବୈଠକ ଶେଷରେ ଜିଲା ସମ୍ପାଦକ ପ୍ରକାଶ ପାତ୍ର କହିଛନ୍ତି, ଏବେ କାଳୀପଲ୍ଲୀ ନିକଟରେ ଏକ ସାର କାରଖାନା ସ୍ଥାପନ ଲାଗି ଏକ କମ୍ପାନୀ ପକ୍ଷରୁ ପ୍ରୟାସ ଚାଲିଛି। ଏହାକୁ ମଧ୍ୟ ବିରୋଧ କରି କମ୍ୟୁନିଷ୍ଟ ପାର୍ଟି ଓ ଅଞ୍ଚଳବାସୀଙ୍କ ଆନ୍ଦୋଳନ ସୂତ୍ରପାତ ହୋଇଛି। ଭିନ୍ନ ଉଦ୍ଦେଶ୍ୟରେ ରାଜ୍ୟ ସରକାର ଅଳ୍ପ କେତେକ ଜମି ସମ୍ପୃକ୍ତ ବ୍ୟକ୍ତି ଓ ଚାଷୀଙ୍କୁ ଫେରସ୍ତ ନିମନ୍ତେ କ୍ୟାବିନେଟ ବୈଠକରେ ନିଷ୍ପତ୍ତି ନେଇଛନ୍ତି। ଅପରପକ୍ଷରେ ୨୦୬ ଏକର ପରିବର୍ତ୍ତେ ସବୁ ଜମି ଟାଟା ହାତରୁ ଛଡ଼ାଇ ଆଣିବାକୁ ଦାବି କରାଯାଇଛି।

ବୈଠକରେ ରଙ୍କନିଧି ସ୍ୱାଇଁ ଅଧକ୍ଷତା କରିଥିଲେ। ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ପ୍ରଶାନ୍ତ ପାଢଯୋଷୀଙ୍କ ସମେତ ଶ୍ରୀହର୍ଷ ରଥ, ପ୍ରଦୀପ ସେଠୀ, ନୀଳକଣ୍ଠ ଦାସ, କାମଦେବ ନାହାକ ଏବଂ ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ଏନ.ନାରାୟଣ ରେଡ୍ଡୀ ପ୍ରମୁଖ ଯୋଗ ଦେଇଥିଲେ।

# ଏକ କୁଇଣ୍ଟାଲ ଚନ୍ଦନ କାଠ ଜବତ, ୨ କୋର୍ଟଚାଲାଣ

ଆର.ଉଦୟଗିରି, ୨୩।୧୦ (ଡି.ଏନ.ଏ.)

ଗଜପତି ଜିଲା ମୋହନା ଥାନା ପୋଲିସ ରବିବାର ପାଟ୍ରୋଲିଂ କରିବା ସମୟରେ ଏକ କାର୍‌ରେ ଏକ କୁଇଣ୍ଟାଲ ଚନ୍ଦନ କାଠ ଚୋରା ଚାଲାଣ ହେବା ସମୟରେ କାର୍‌ଟିକୁ ଅଟକାଇ ତନଖି କରିଥିଲା। ସେଥିରେ ଯାଉଥିବା ଚନ୍ଦନ କାଠକୁ ଜବତ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏହା ସହ କାର୍‌ଟିକୁ ମଧ୍ୟ ଜବତ କରିଛି ମୋହନା ପୋଲିସ। କେସ ନଂ ୧୮୭/୨୩ରେ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଥିବା ଆର. ଉଦୟଗିରି ଏସ୍‌ଡିପିଓ ଦିଲୀପ କୁମାର ନାୟକ ପ୍ରକାଶ କରିଛନ୍ତି। ଏହା ସହ ଗିରଫ ବ୍ୟକ୍ତିଙ୍କଠାରେ ଥିବା ୫୩୬୦ଟଙ୍କା ମଧ୍ୟ ଜବତ ହୋଇଥିବା ଜଣାପଡିଛି।


ଜବତ ଚନ୍ଦନ କାଠ ।

# ଆଞ୍ଚଳିକସ୍ତରୀୟ ଶିଶୁ ମହୋତ୍ସବ ସୁରଭି



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ପୁରସ୍କୃତ ଛାତ୍ରୀଛାତ୍ର ।

**ରମ୍ଭା,୨୩।୧୦**

ଗଞ୍ଜାମ ବ୍ଲକ ପାଲଙ୍ଗ ପଞ୍ଚାୟତ ଅଧିନ ନିମିଶୂଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଞ୍ଚଳିକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୨ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାଗୀରଥି ବେହେରା, ସମ୍ମାନିତ ଅତିଥି ଭାବେ ପାଲଙ୍ଗ ସରପଞ୍ଚ ରାଜେଶ୍ୱରୀ ଗୌଡ଼, ମୁଖ୍ୟବକ୍ତା ରାଜକିଶୋର ଗୌଡ଼ ଓ ପ୍ରଫୁଲ୍ଲ ପ୍ରଧାନ ପ୍ରମୁଖ ଯୋଗଦାନ କରି ଛାତ୍ରୀଛାତ୍ରମାନଙ୍କ ସୃଜନାତ୍ମକ ଦକ୍ଷତା ଉପରେ ଆଲୋକପାତ କରିଥିଲେ। ପାଲଙ୍ଗ କ୍ଲଷ୍ଟର ଆଞ୍ଚଳିକ ସାଧନ କେନ୍ଦ୍ରର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଚତୁର୍ଥରୁ ନବମଶ୍ରେଣୀ ଛାତ୍ରୀଛାତ୍ରମାନେ ଜୁନିୟର ଓ ସିନିୟର ବର୍ଗରେ ବିତର୍କ, ପ୍ରବନ୍ଧ, ଚିତ୍ରାଙ୍କନ, କୁଇଜ, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ, ଓଡ଼ିଆ ହସ୍ତାକ୍ଷର, ଶ୍ରୁତ ଲିଖନ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ, ମଧାହ୍ନ ଭୋଜନ ଚିତ୍ରକଳା ଓ ଶିଳ୍ପକଳା ଆଦି କାର୍ଯ୍ୟକ୍ରମରେ କୃତିତ୍ୱ ଛାତ୍ର ହାସଲ କରୁଥିବା ପ୍ରତିଯୋଗୀଙ୍କୁ ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା ଶିଶୁ ପୁସ୍ତିକା ପିଲାଙ୍କ ପ୍ରାର୍ଥନା ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଜୟକୃଷ୍ଣ ତ୍ରିପାଠୀ, ସନ୍ତୋଷ କୁମାର ପ୍ରଧାନ, ରତିକାନ୍ତ ବେହେରା ପରିଚାଳନା କରଥିଲା ବେଳେ ଶିକ୍ଷକ ବିଷ୍ଣୁ ଚରଣ ବେହେରା, ପ୍ରମୋଦ ଚନ୍ଦ୍ର ସାମନ୍ତ, ଅଜୟ କୁମାର ନାୟକ, ଦୁର୍ଗା ପ୍ରସାଦ ନନ୍ଦ, ଶିକ୍ଷୟିତ୍ରୀ ପ୍ରୀତିପ୍ରିୟା ମହାନ୍ତି, ରଞ୍ଜିତା କୁମାରୀ ବେହେରା ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ପାଲଙ୍ଗ ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ରାମେଶ୍ୱର ମହାଲିକ, ସୁନନ୍ଦା ରାଣୀ ଆଚାର୍ଯ୍ୟ, ସୁଦର୍ଶନ ତ୍ରିପାଠୀ, ମମତା କୁମାରୀ ପାତ୍ର, ଝୁନୁ ପାଇକ, ସଙ୍ଗୀତା ବିଷୋୟୀ ଏବଂ ଅଭିରାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ନୂତନ ଆସିକା ଚିନିଶିଳ୍ପ ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧନା

ଶେରଗଡ୨୩।୧୦(ଡି.ଏନ.ଏ.)

ଆସିକା ଚିନିଶିଳ୍ପ ନିର୍ଦ୍ଦେଶକ ଭାବେ ଶେରଗଡ ବ୍ଲକ କୁମାରପାଣି ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ପୂର୍ବତନ ଜିଲା ପରିଷଦ ସଭ୍ୟ ଉଦୟନାଥ ପ୍ରଧାନ ନିର୍ବାଚିତ ହୋଇଛନ୍ତି। ତାଙ୍କୁ ଶେରଗଡ଼ ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ, ହୀନ ବେହେରା, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ପାଣିଗ୍ରାହୀ,ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ଅବନୀ କୁମାର ଦାଶ,ବାବୁ ଦାଶ, ଦିପୁ କୁମାର ପାତ୍ର, ବଳରାମ ପାଢ଼ୀ ପ୍ରମୁଖ ସ୍ୱାଗତ ଜଣାଇଛନ୍ତି। ଚିନି ଶିଳ୍ପର ସ୍ୱାର୍ଥ ରକ୍ଷା ପାଇଁ ଅହରହ କାମ କରିବେ ବୋଲି ନବ ନିର୍ବାଚିତ ନିର୍ଦ୍ଦେଶକ ପ୍ରଧାନ କହିଛନ୍ତି।

# କ୍ଷତିପୂରଣ ଦାବିରେ ରାଜପଥ ଅବରୋଧ

## ଗଛପଡ଼ି ବୃଦ୍ଧଙ୍କ ମୃତ୍ୟୁ

କୋଟଗଡ/ବାଲିଗୁଡ଼ା,୨୩।୧୦(ଡି.ଏନ୍.ଏ.)

ବାଲିଗୁଡା ଥାନା କୁଟିକିଆ ଝୁଲାପୋଲ ନିକଟ ଡ୍ରିପଙ୍ଗା ପାର୍ଶ୍ୱରେ ରିବାର କେହି ଦୁର୍ବୃତ୍ତ ବେଆଇନ ଭାବେ ଗଛ କାଟୁଥିବା ବେଳେ ଭାଙ୍ଗି ପଡ଼ିବାରୁ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାରଖମା ଅଞ୍ଚଳର ଆଦମ ନାୟକ (୬୫)। ଏହାକୁ ନେଇ ଉତ୍ତେଜନା ଦେଖାଦେଇଛି। ପାଷ୍ଟର ଆଦମ କୁଟିକିଆ ଅଞ୍ଚଳର ଚର୍ଚ୍ଚକୁ ପ୍ରାର୍ଥନା ପାଇଁ ଯାଉଥିବା ବେଳେ ବେଆଇନ ଭାବେ କଟାଯାଉଥିବା ଗଛଟି ହଠାତ ତାଙ୍କ ଉପରେ ପଡିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗ୍ରାମବାସୀ ମୃତଦେହକୁ ନେଇ ବାଲିଗୁଡା ପିଡବ୍ଲୁଡି ଛକ ଠାରେ ୫୯ ନଂ. ଜାତୀୟ ରାଜପଥରେ ରଖି କ୍ଷତିପୂରଣ ଦାବି ନେଇ ରାସ୍ତାରୋକୋ କରିଥିଲେ। ବିଡିଓ ଶଶାଙ୍କ ଶେଖର ପାତ୍ର, ଥାନାଅଧିକାରୀ ବାବାଶଙ୍କର ସରାଫ ପ୍ରମୁଖ ଆନ୍ଦୋଳନସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ଉଠିନ ଥିଲେ ।ଏହାପରେ ରେଡକ୍ରସ ରିଲିଫ ପାଣ୍ଠିରୁ ୨୦ ହଜାର ଟଙ୍କା ଓ ଏମ୍‌ପିଙ୍କ ପାଣ୍ଠିରୁ ୫୦ ହଜାର ଟଙ୍କା ସହ ଆଗାମୀ ଦିନରେ କ୍ଷତିପୂରଣ ଦେବା ନିମନ୍ତେ ପ୍ରତିଶ୍ରୁତି ମିଳିବାରେ ରାସ୍ତାରୋକ ହଟିଛି।

# ନୂଆପଡ଼ା ଗ୍ରାମରେ ପବ୍ଲିକ ଡାଟା ଅଫିସ ଉଦ୍‌ଘାଟିତ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଚିକିଟି,୨୩।୧୦(ଡି.ଏନ.ଏ.)**

ଚିକିଟି ବ୍ଲକ ଅନ୍ତର୍ଗତ ନୂଆପଡା ଗ୍ରାମରେ ରବିବାର ଅପରାହ୍ନରେ ପବ୍ଲିକ ଡାଟା ଅଫିସ ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟାଳୟକୁ ନୂଆପଡା ପଞ୍ଚାୟତ ସରପଞ୍ଚ ବି. ସନମୁଖ ଉଦ୍‌ଘାଟନ କରି କହିଛନ୍ତି ଏହା ହେଉଛି ଭାରତ ସରକାରଙ୍କ ଦ୍ୱାରା ନିର୍ମିତ ପ୍ରଧାନମନ୍ତ୍ରୀ ବାଣୀ ଯୋଜନା। ଏହି ଯୋଜନା ଜିଲା ତଥା ବ୍ଲକରେ ପ୍ରଥମ କରି ଶୁଭାରମ୍ଭ ହୋଇଛି। ଏହାଦ୍ୱାରା କମ ମୂଲ୍ୟରେ ମୋବାଇଲ ଫୋନ, କମ୍ପ୍ୟୁଟର, ଲାପଟପ, ଟାବଲେଟ, ଟେଲିଭିଜନ ଏବଂ ଇଣ୍ଟରନେଟ ଚାଳିତ ଯନ୍ତ୍ରପାତି ଚଳାଇ ପାରିବେ ବୋଲି କହିଥିଲେ। ଆୟୋଜିତ ଏହି ଉତ୍ସବରେ ନାଏବ ସରପଞ୍ଚ ରବୀନ୍ଦ୍ର ବେହେରା, ପୂର୍ବତନ ସମିତିସଭ୍ୟ ରବୀନ୍ଦ୍ର କୁମାର ସେଠୀ, ବିଜେଡିର ଯୁବନେତା ଟୁକୁନା ସେଠୀ, ଦଣ୍ଡପାଣି ବିଷୋୟୀ ପ୍ରମୁଖ ଉପସ୍ଥିତ ଥଲେ।

# ଗଞ୍ଜାମ ଜିଲା ପ୍ରାଥମିକ ଶିକ୍ଷକ ସଂଘ ବୈଠକ

ପୁରୁଷୋତ୍ତମପୁର, ୨୩।୧୦ (ଡି.ଏନ.ଏ.)

ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ତାରାତାରିଣୀ ଛକ ନିକଟସ୍ଥ ଜଗତେଶ୍ୱର ମନ୍ଦିର ପରିସରରେ ଗଞ୍ଜାମ ଜିଲା ପ୍ରାଥମିକ ଶିକ୍ଷକ ସଂଘ (ଏନପିଏସ)ର ଜିଲାସ୍ତରୀୟ ବୈଠକ ରବିବାର ସଭାପତି ରାଜେନ୍ଦ୍ର କୁମାର ଗୌଡଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଭାପତି ରାଜେଶ ମହାନ୍ତିଙ୍କ ସମେତ ୨୦ଟି ବ୍ଲକର କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହି ଅବସରରେ ରାଜ୍ୟ ସରକାର ପ୍ରାଥମିକ ଶିକ୍ଷକଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଥିବାର ଅଭିଯୋଗ କରି କ୍ଷୋଭ ପ୍ରକାଶ କରିଥିଲେ। ସରକାର ପୁନଃବିଚାର କରି ଚୁକ୍ତିଭିତ୍ତିକ ଉଚ୍ଛେଦ ପ୍ରକ୍ରିୟାରେ ପ୍ରାଥମିକ ଶିକ୍ଷକମାନଙ୍କୁ ଅନ୍ତର୍ଭୁକ୍ତ କରି ୨୦୦୧ରୁ କାର୍ଯ୍ୟରତ ସମସ୍ତ ଶିକ୍ଷକଙ୍କ ଛଅ ବର୍ଷର କାର୍ଯ୍ୟକାଳକୁ ନିୟମିତ କାର୍ଯ୍ୟକାଳରେ ଗଣନାକରି ଯଥାଶୀଘ୍ର ଛଅଗୋଟି ଇନକ୍ରିମେଣ୍ଟ ପ୍ରଦାନ କରିବା ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଏହି ଦାବୀକୁ ସରକାର ତୁରନ୍ତ ପୂରଣ ନ କଲେ ଆଗାମୀ ଦିନରେ ଜିଲାର ସମସ୍ତ ପ୍ରାଥମିକ ଶିକ୍ଷକ ସଂଘ ମିଳିତ ହୋଇ ଆନ୍ଦୋଳନକୁ ଓହ୍ଲାଇବାର ଚେତାବନୀ ଦେଇ ନିଷ୍ପତ୍ତି ନେଇଛନ୍ତି।

# ପାରଳାଖେମୁଣ୍ଡି କମିଟିର ୧୫ ଜୋନରେ ନିର୍ବାଚନ

## ଆର୍.ଉଦୟଗିରି ଆଞ୍ଚଳିକ ବାଣିଜ୍ୟ ସମବାୟ ଲିଃ

**ପାରଳାଖେମୁଣ୍ଡି,୨୩।୧୦(ଡି.ଏନ୍.ଏ.)**

ଆର୍.ଉଦୟଗିରି ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ଲିଃ ପାରଳାଖେମୁଣ୍ଡି କମିଟିର ୧୫ଟି ଜୋନ ନିର୍ଦ୍ଦେଶକ ପଦବୀ ନିମନ୍ତେ ରବିବାର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ପାରଳାଖେମୁଣ୍ଡି ଗାନ୍ଧୀ ସ୍ମୃତି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏଆର୍‌ସିଏସ୍ ହରିହର ସେଠଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ହୋଇଥିବା ନିର୍ବାଚନକୁ ଆର୍‌ଏମସିର କର୍ମଚାରୀମାନେ ପରିଚାଳନା କରିଥିଲେ। ୧୫ଟି ଜୋନ ନିମନ୍ତେ ନିର୍ଦ୍ଦେଶକ ଭାବେ ନିର୍ବାଚିତ ହୋଇଥିବା ୧୫ଜଣ ହେଲେ ଜୋନ ୧ରେ ଦେବେନ୍ଦ୍ର ନାଥ ମୌଳି, ଜୋନ ୨ ଟି.ଶ୍ୟାମ ସୁନ୍ଦର ଶିବାଜୀ, ଜୋନ ୩ରେ ବି.ମୋହିନୀ (ଅପ୍ରତିଦ୍ୱନ୍ଦି), ଜୋନ ୪ ନିମନ୍ତେ ୱାଇ.ମନ୍ମଧରାଓ (ଅପ୍ରତିଦ୍ୱନ୍ଦୀ), ଜୋନ ୫ ଗଣପତି ପ୍ରଧାନ, ଜୋନ ୬ ନିମନ୍ତେ ଏସ.ଲିଙ୍ଗରାଜ, ଜୋନ ୭ରେ କେଶବ ସାମଲ, ଜୋନ ୮ ନିମନ୍ତେ ଏସ.ଗଜପତି ରାଓ, ଜୋନ ୯ ନର୍ମଦା ଦଳାଇ, ଜୋନ ୧୦ ବି.ମାଧବ ରାଓ, ଜୋନ ୧୧ କେ.ରାମାରାଓ, ଜୋନ ୧୨ ନିମନ୍ତେ କେ.କିରଣ କୁମାର, ଜୋନ ୧୩ ଆର୍.ତିରୁପତି ରାଓ, ଜୋନ ୧୪ କବିତା ଜେନା ଏବଂ ଜୋନ ୧୫ ନିମନ୍ତେ ଏମ. ପ୍ରକାଶ ରାଓ ନିର୍ବାଚିତ ହୋଇଛନ୍ତି। ନବନିର୍ବାଚିତ ୧୫ ନିର୍ଦ୍ଦେଶକ ଆଗାମୀ ଦିନରେ ସଭାପତିଙ୍କୁ ଚୟନ କରିବେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

ପୁରୁଷୋତ୍ତମପୁର,୨୩।୧୦(ଡି.ଏନ୍.ଏ.)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ୩୭ ନଂ. ଜୋନ୍ ରାଇପୁର, ଶୋଳଘର, ବାଘଳା, ଭାଟକୁମରଡ଼ା, ସୁନାଥର ପଞ୍ଚାୟତର ସମସ୍ତ ଗ୍ରାମରେ ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟଙ୍କ ସଂଯୋଜନାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ନେତା ଶୁଭ୍ରାଂଶୁ ଶେଖର ସାବତ, ଖଲ୍ଲିକୋଟ ବ୍ଲକ ଅଧକ୍ଷ ଦୈତାରୀ ବେହେରା, ଗୀତା କୁମାରୀ ବଡ଼ିଆ, ଦୀପକ ପାତ୍ର, ଜିଲା ଯୁବ ବିଜେଡି ଉପସଭାପତି ଜି. ଲିଙ୍ଗରାଜ ଆଚାରୀ, ବ୍ଲକ ଅଧକ୍ଷା ପିଙ୍କି ବେହେରା, ପୂର୍ବତନ ବ୍ଲକ ଅଧକ୍ଷ ବାଉରୀ ପଣ୍ଡା ପ୍ରମୁଖ ଦଳୀୟ କର୍ମୀମାନେ ଗାଁକୁ ଗାଁ ଶୋଭାଯାତ୍ରାରେ ଯାଇ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇବା ସହ ସେମାନଙ୍କ ସମସ୍ୟା ବୁଝିଥିଲେ।


ପଦଯାତ୍ରାରେ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟଙ୍କ ସହ ଅନ୍ୟମାନେ ।

# ସିଟି କଲେଜକୁ ହରାଇ ରାୟଗଡା ଚାମ୍ପିୟନ

**ଭଞ୍ଜନଗର,୨୩।୧୦(ଡି.ଏନ୍.ଏ.)**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ସଂସଦ ପକ୍ଷରୁ ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଖେଳପଡିଆରେ ଦୁଇଦିନ ଧରି ଚାଲିଥିବା ୫୨ତମ ଆନ୍ତଃମହାବିଦ୍ୟାଳୟ ଭଲିବଲ ଟୁର୍ନାମେଣ୍ଟ ରବିବାର ଉଦଯାପିତ ହୋଇଛି। ଫାଇନାଲ ମ୍ୟାଚ ବ୍ରହ୍ମପୁର ସିଟି କଲେଜ ଓ ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ ମଧ୍ୟରେ ହୋଇଥିଲା। ରାୟଗଡା ୩-୦ ସେଟରେ ଚାମ୍ପିୟନ ହୋଇଥିଲା। କଲେଜ ଭାରପ୍ରାପ୍ତ ଅଧକ୍ଷ ରାଜେନ୍ଦ୍ର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ସଂସଦ ସେକ୍ରେଟାରୀ ପ୍ରଫେସର ଗଣେଶ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ପ୍ରାଧାପକ ସାତ୍ୟକି ସାହୁ, ପ୍ରାଧାପିକା ଆରତିବାଳା ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉପସଭାପତି ଆମାଶ ପାଟମାଝୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧାପକ ଅମୀୟ ରଞ୍ଜନ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟ ଖେଳ ପ୍ରଶିକ୍ଷକ ରାଜେଶ ମହାନ୍ତି, ରେଫରୀ ସଚ୍ଚିଦାନନ୍ଦ ଦାସ, ବିକାଶ ସିଂ, ରଶ୍ମିରଞ୍ଜନ ତ୍ରିପାଠୀ, ମୋଚିରାମ ରଣସିଂ, ସୁବାସ ଗୌଡ, ପି ଆନନ୍ଦ ରାଓ, ପି ରମେଶ, ପ୍ରବୀଣ କୁମାର ଖାଡ଼ଙ୍ଗା, ମାନସ କୁମାର ପ୍ରହରାଜ ପ୍ରମୁଖ ମ୍ୟାଚଗୁଡିକୁ ପରିଚାଳନା କରିଥିଲେ । ଅଧାପିକା ତୃପ୍ତି ମୟି ଦାସ, ରାଜଲକ୍ଷ୍ମୀ ରଥ, ସ୍ମରଣିକା ପାଢି, ସସ୍ମିତା ଦାସ, ରାଜଶ୍ରୀ ନାୟକ, ଅଧାପକ ହରିଶ ଭଞ୍ଜର, ବି ପି ମହାନ୍ତି, ବୁଦ୍ଧିନାଥ ବେହେରା ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।


ଚାମ୍ପିୟନ ଓ ରନର୍ସ ଟିମ୍ ସହ ଅତିଥିମାନେ।

